



### ପାନଚାଷୀ ସଂଘର ଦୁଇଦିନିଆ ସର୍ବଭାରତୀୟ ସମ୍ମିଳନୀ

# ପାନ ପତ୍ରକୁ ଜାତୀୟ ପତ୍ର ଘୋଷଣା କରାଯାଉ

ପୁରୀ,୨୨ା୨(ସମିସ)




ଅଖିଳ ଭାରତ ପାନ ଚାଷୀ ସଂଘର ଦୁଇଦିନିଆ ସର୍ବଭାରତୀୟ ସମ୍ମିଳନୀ ଶନିବାର ସ୍ଥାନୀୟ ୟୁଥ୍ ହଷ୍ଟେଲଠାରେ ଉଦ୍‌ଘାଟିତ ହୋଇଯାଇଛି। ଅଶ୍ୱିନୀ ଜାନା, ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲାବେଳେ କୃଷକ ସଭା ଜାତୀୟ ସଭାପତି ରାଜନ କ୍ଷୀରସାଗର, ପୂର୍ବତନ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ଶ୍ରୀକୁମାର ମୁଖାର୍ଜୀ, ଜାତୀୟ ଉପସଭାପତି ଆଶିଷ କାନୁନଗୋ, ଶଶୀଭୂଷଣ ସ୍ୱାଇଁ, କ୍ଷୀରୋଦ ପ୍ରସାଦ ସିଂଦେଓ ପ୍ରମୁଖ ଯୋଗଦେଇ ଦେଶର ୮ ଟି ରାଜ୍ୟରେ ପାନ ଉତ୍ପାଦନ ହେଉଥିଲା ବେଳେ କେନ୍ଦ୍ର ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଆୟ କରୁଛନ୍ତି। ମାତ୍ର ପାନ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ସରକାରୀ ପ୍ରୋତ୍ସାହନ ଅଭାବ ରହିଛି। ପାନ ପତ୍ରକୁ ଖୁବ କମ୍ ଜାଗାରେ ଉତ୍ପାଦନ କରି ଗୋଟିଏ ପରିବାର ଗୁଜରାଣ ମେଣ୍ଟାଇ ପାରୁଛି। ପାନ ପତ୍ରରୁ ପାନୀୟ ପ୍ରସ୍ତୁତ କରାଗଲେ ଲକ୍ଷ ଲକ୍ଷ ପାନ ଚାଷୀ ଉପକୃତ ହୋଇପାରିବେ। ମାତ୍ର ସରକାର ଏ ଦିଗରେ ଗବେଷଣା କରନ୍ତୁ ବୋଲି ବକ୍ତାମାନେ ଦାବି କରିଥିଲେ। ପାନ ପତ୍ରକୁ ଜାତୀୟ ପତ୍ର ଘୋଷଣା କରିବା, ବିନା ସୁଧରେ ପାନ ଚାଷୀଙ୍କୁ ୫୦ ହଜାର ଟଙ୍କା ଋଣ ପ୍ରଦାନ, ପାନର ସର୍ବନିମ୍ନ ଦର ଧାର୍ଯ୍ୟ, ପାନ ଉପରୁ ଜିଏସ୍‌ଟି ଉଠାଇ ବ୍ୟବସାୟୀମାନଙ୍କୁ ଚାଷୀଙ୍କଠାରୁ ପାନ କିଣିବା ପାଇଁ ଉତ୍ସାହିତ କରିବା, ସ୍ୱତନ୍ତ୍ର ରେଳ ବ୍ୟବସ୍ଥା କରିବା ଉପରେ ଆଲୋଚନା କରାଯାଇଥିଲା। ଏ ସବୁ ଦାବି ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯିବ। ଏହା ସହିତ ପାନ ଚାଷୀ ଆନ୍ଦୋଳନକୁ ସଂଗଠିତ କରାଯିବା ପାଇଁ ମଧ୍ୟ ସ୍ଥିର ହୋଇଛି। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇ ପୁରୀ ସହରର ଐତିହାସିକ ଭୂମିକା ଉପରେ ଆଲୋକପାତ କରିଥିଲେ। ପଶ୍ଚିମବଙ୍ଗର ଡ. କୋଏଲ ପାନ ପତ୍ର ଉପରେ ଗବେଷଣା କରୁଥିବାରୁ ଏହାର ଔଷଧୀୟ ଗୁଣ ଓ ଏଥିରୁ କିପରି ପାନୀୟ ପ୍ରସ୍ତୁତ କରାଯାଇ ପାରିବ ତାହା ଉପରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀ ରବିବାର ଉଦ୍‌ଯାପିତ ହେବ।

## ରଥଯାତ୍ରା ପାଇଁ ପୁଲିସର ସମନ୍ୱୟ ବୈଠକ



ପୁରୀ,୨୨ା୨(ସମିସ): ଆଗକୁ ରଥଯାତ୍ରା। ଲକ୍ଷ ଲକ୍ଷ ଭକ୍ତ ପୁରୀକୁ ଆସି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଦେଖିବେ। ତେଣୁ ଶ୍ରଦ୍ଧାଳୁମାନେ ଯେପରି ଏକ ଭଲ ଅନୁଭୂତି ନେଇ ପୁରୀରେ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ଏଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲାଣି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ ସୁପରିଚାଳନା। ତେଣୁ ଏହା କିପରି ବ୍ୟବସ୍ଥିତ ହୋଇପାରିବ ଏବଂ ରଥଯାତ୍ରା ଶୃଙ୍ଖଳାର ସହ ଶେଷ ହେବ ସେଥିଲାଗି ପୁରୀ ପୁଲିସ ପ୍ରସ୍ତୁତି ଆରମ୍ଭ କରିଦେଲାଣି। ଏହି ପରିପ୍ରେକ୍ଷୀରେ ଶନିବାର ପୁଲିସ ମୁଖ୍ୟାଳୟରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଗତବର୍ଷ ରଥଯାତ୍ରା ସମୟରେ ପୁଲିସ ଯେଉଁସବୁ ସମସ୍ୟା ସମ୍ମୁଖୀନ ହୋଇଥିଲା ଏବଂ ଯେ କୌଣସି ତ୍ରୁଟି କରିଥିଲା ସେ ସବୁର ସମାଧାନ କରି ଏଥର ଶୃଙ୍ଖଳିତ ଭାବେ ଯେପରି ରଥଯାତ୍ରା ସମ୍ପନ୍ନ ହେବ ତା' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବରୁ ଅଧିକାରୀମାନଙ୍କୁ ସେମାନଙ୍କ ଦାୟିତ୍ୱ ବଣ୍ଟନ କରାଯାଇଛି। ଏହାକୁ ନେଇ ସେମାନେ କ'ଣ ସବୁ ପ୍ରସ୍ତୁତି କଲେଣି ତା' ଉପରେ ବିସ୍ତୃତ ଭାବେ ଜଣାଇବା ପାଇଁ କୁହାଯାଇଛି। ବୈଠକରେ ୩ଜଣ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ବିଷ୍ଣୁମୋହନ ପତି, ଦେବବ୍ରତ ଚକ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସଦର ଏସ୍‌ଡିପିଓ ରବିନାରାୟ ଭଞ୍ଜ, ଏସି ଘନଶ୍ୟାମ ହେମ୍ବ୍ରମ, ଟ୍ରାଫିକ ଥାନାଧିକାରୀ ଜୟଦୀପ ମହାନ୍ତି, ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ମହାପ୍ରଭୁଙ୍କ ଦର୍ଶନ ଅବସରରେ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ

## 'ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ପୁରୀ,୨୨ା୨(ସମିସ): ଚନ୍ଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଇକୋ କ୍ଲବ ତରଫରୁ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ଦୋଳଗୋବିନ୍ଦ ମିଶ୍ର, ସମ୍ମାନିତ ଅତିଥି ତ୍ରିଲୋଚନ ଦାଶ, ଗୀତାଞ୍ଜଳି ସେନାପତି, ପରିଚାଳନା ସମିତି ସଭାପତି ସନାତନ ସ୍ୱାଇଁ, ସମ୍ପାଦକ ଦୀନବନ୍ଧୁ ସାମନ୍ତରା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରକୃତିବନ୍ଧୁ କୃଷ୍ଣଚନ୍ଦ୍ର ସାହୁ ସଭାରେ ସଭାପତିତ୍ୱ କରିବା ସହ ସଭା ପରିଚାଳନା ଓ ସଂଯୋଜନା କରିଥିଲେ। ଅତିଥିମାନେ ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ପରିବେଶ ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ତରଫରୁ ପରିବେଶ ସମ୍ବନ୍ଧୀୟ ଲୋକନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସର୍ବ ଶେଷରେ ବିଦ୍ୟା ମନ୍ଦିର ପରିସରରେ ଅତିଥିବୃନ୍ଦ ଓ ଛାତ୍ରଛାତ୍ରୀମାନେ ଆମ୍ବ, ପଣସ, ବେଲ ଚାରା ରୋପଣ କରିଥିଲେ। ବିଦ୍ୟାମନ୍ଦିର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ



ପୁରୀ,୨୨ା୨(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବୈଦିକ ସାହିତ୍ୟର ବ୍ରାହ୍ମଣଭାଗର ଭାଷ୍ୟ ପରମ୍ପରା ଉପରେ ଚାଲିଥିବା ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଗତ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ଦିଲ୍ଲୀସ୍ଥିତ ଶ୍ରୀଲାଲ ବାହାଦୂର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୌରହିତ୍ୟ ବିଭାଗର ଅଧ୍ୟକ୍ଷ ପ୍ରଫେସର ରାମରାଜ ଉପାଧ୍ୟାୟ ବେଦ ବିଦ୍ୟାର ଦୁଇ ପ୍ରମୁଖ ଭାଗ ଧର୍ମ ଓ ବ୍ରହ୍ମ ବୋଲି ପ୍ରତିପାଦନ କରିଥିଲେ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗ ଅଧ୍ୟକ୍ଷ ଓ ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଗୋପାଳକୃଷ୍ଣ ଦାଶ ବୈଦିକ ସାହିତ୍ୟ, ସଭ୍ୟତା ଓ ସଂସ୍କୃତି ଭାରତର ଐକ୍ୟ ଓ ଅଖଣ୍ଡତା ରକ୍ଷାରେ ସହାୟକ ବୋଲି କହିଥିଲେ। ସାରସ୍ୱତ ଅତିଥି ସ୍ନାତକୋତ୍ତର ବେଦ ବିଭାଗର ପୂର୍ବ ବିଭାଗ ଅଧ୍ୟକ୍ଷ ଓ ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଦିବାକର ମହାପାତ୍ର ବିଦ୍ୟା ସ୍ନାତକ, ବ୍ରତ ସ୍ନାତକ ଓ ବିଦ୍ୟାବ୍ରତ ସ୍ନାତକର ଲକ୍ଷଣ ବର୍ଣ୍ଣନା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜି.ଏସ୍.ଭି. ଦତ୍ତାତ୍ରେୟ ମୂର୍ତ୍ତି ସଭାପତିତ୍ୱ କରିଥିବା ବେଳେ ସ୍ନାତକୋତ୍ତର ବେଦ ବିଭାଗର ଅଧ୍ୟକ୍ଷ ଓ ଏହି ଜାତୀୟ ଆଲୋଚନାଚକ୍ରର ନିର୍ଦ୍ଦେଶକ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ଆସୋସିଏଟ୍ ପ୍ରଫେସର ତଥା ପୂର୍ବ ବିଭାଗ ଅଧ୍ୟକ୍ଷା ଡ. ପରାମ୍ବା ଶ୍ରୀଯୋଗମାୟା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ୍ ଅଧ୍ୟକ୍ଷ ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ସଭାପତିତ୍ୱ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗ ଅବସରପ୍ରାପ୍ତ ଆଚାର୍ଯ୍ୟା ପ୍ରଫେସର ପ୍ରତିଭା ରଥ ମୁଖ୍ୟବକ୍ତା ଯୋଗଦେଇ ବୈଦିକ ସାହିତ୍ୟ ତତ୍ତ୍ୱର ଅନନ୍ତତ୍ୱ, ବ୍ରାହ୍ମଣ ଗ୍ରନ୍ଥ ଆଖ୍ୟାନର ପ୍ରତୀକାତ୍ମକତ୍ୱ, ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାପାତ୍ରଙ୍କ ସହ ମୁଖ୍ୟଅତିଥି ଶାନ୍ତିନିକେତନ ବିଶ୍ୱଭାରତୀର ସଂସ୍କୃତ ବିଭାଗର ପୂର୍ବ ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ଜେନା ବ୍ରାହ୍ମଣ ସାହିତ୍ୟ ବର୍ଦ୍ଧିତ କର୍ମବାଦ ଉପରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ବେଦ ବିଭାଗ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଆଲୋଚନାଚକ୍ରର ସଂଯୋଜକ ଓ ବେଦ ବିଭାଗର ସହାୟକ ଆଚାର୍ଯ୍ୟ ଡ. ଚନ୍ଦନ ମିଶ୍ର ଉଦ୍‌ଯାପନୀ ସତ୍ର ସଞ୍ଚାଳନ କରିଥିଲେ।

### ବିଭିନ୍ନ ବିଭାଗର ସମୀକ୍ଷା କଲେ 'ନିତି ଆୟୋଗ'

## ପର୍ଯ୍ୟଟନସ୍ଥଳୀକୁ ନେଇ ସଫାରୀ ସର୍କିଟ୍ ପ୍ରସ୍ତାବ

ପୁରୀ,୨୨ା୨(ସମିସ)

ପର୍ଯ୍ୟଟକଙ୍କ ସୁବିଧା ଓ ସୁରକ୍ଷା ପାଇଁ ବିଭିନ୍ନ ଜିଲ୍ଲାର ପର୍ଯ୍ୟଟନ ସ୍ଥଳକୁ ନେଇ ସଫାରୀ ସର୍କିଟର ବ୍ୟବସ୍ଥା ଓ ଟୁରିଜିମ ଜୋନ ବ୍ୟବସ୍ଥା ପାଇଁ ମତ ଦେଇଛନ୍ତି ନୀତି ଆୟୋଗ। ଏହି ସର୍କିଟରେ କଟକ, ଖୋର୍ଦ୍ଧା, ପୁରୀ ଓ ପାରାଦୀପକୁ ସାମିଲ କରାଯିବାର ଚିନ୍ତା କରାଯାଉଛି। ଶନିବାର ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସିଟି ଆଜ୍ ଗ୍ରୋଥ ହବ୍ ବା ସହରାଞ୍ଚଳର ବିକାଶ ସମ୍ପର୍କରେ ନୀତି ଆୟୋଗର ପ୍ରତିନିଧି ମଣ୍ଡଳ ପୁରୀ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ସମୀକ୍ଷା କରିଥିଲେ। ଏଥିରେ ଅଧ୍ୟକ୍ଷତା କରି ଆୟୋଗର ପ୍ରମୁଖ ଅର୍ଥ ପରାମର୍ଶଦାତା ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ମିସ ଅନା ରଏ ବିଭିନ୍ନ ବିଭାଗର ଯୋଜନାଗୁଡିକ ମଧ୍ୟରେ ବିଶେଷତ୍ୱ କ'ଣ ରହିଛି ଓ କେଉଁ କେଉଁ କ୍ଷେତ୍ରରେ ଅଧିକ ଫୋକସ କରାଯାଇ ପାରିବ, ତାହାର ବଜାର ବ୍ୟବସ୍ଥା କରାଯାଇ ପାରିବ, ବ୍ୟକ୍ତି ବା ଗୋଷ୍ଠୀଙ୍କୁ ସାମିଲ ସହ, ଲୋକଙ୍କୁ ଜୀବିକା ଯୋଗାଇ ଦିଆଯାଇ ପାରିବ ବୋଲି ଜିଜ୍ଞାସା କରିଥିଲେ। ଯାହା ଫଳରେ ନୀତି ଆୟୋଗ ସେ ସମ୍ପର୍କରେ ଅନୁଧ୍ୟାନ ସହ ଆର୍ଥିକ ସହାୟତା, ବୈଷୟିକ ପରାମର୍ଶ ଓ ବିବିଧ ସହଯୋଗ ଯୋଗାଇବାରେ ସକ୍ଷମ ହୋଇପାରିବ ବୋଲି କହିଥିଲେ। ଉଦ୍ୟାନ କୃଷି, ଛତୁ ଚାଷ, ଫୁଲ ଚାଷ, କୁକୁଡ଼ା ଚାଷ, ମତ୍ସ୍ୟ ଚାଷ, ପର୍ଯ୍ୟଟନ ଇତ୍ୟାଦି ଗୁଡିକରେ ଅଧିକ ଦୃଷ୍ଟି ଦିଆଯାଇ ପାରିବ ବୋଲି ଶ୍ରୀମତୀ ରଏ ସୂଚନା ଦେଇଥିଲେ। ନୀତି ଆୟୋଗ ଓ ଜିଲ୍ଲା ପ୍ରଶାସନର ବିସ୍ତୃତ ଅନୁଧ୍ୟାନ ଓ ଆଲୋଚନା ପରେ ପ୍ରସ୍ତାବ ଚୂଡ଼ାନ୍ତ କରାଯିବ ବୋଲି ସେ ସୂଚନା ଦେଇଥିଲେ।

ପ୍ରାରମ୍ଭରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ସ୍ଥିତି, ବିଭିନ୍ନ ଯୋଜନାର ରୂପରେଖ, ସଫଳତା, ଆବଶ୍ୟକତା ଓ ନୂତନ ସମ୍ଭାବନା ଉପସ୍ଥାପନ କରିଥିଲେ। ୩୪୭୯ ବର୍ଗ କିଲୋମିଟର ପରିମିତ ପୁରୀ ଜିଲ୍ଲାର ଲୋକ ସଂଖ୍ୟା ୧୬,୯୮,୭୩୯। ଜିଲ୍ଲାରେ ଗୋଟିଏ ସବ୍‌ଡିଭିଜନ, ୧୧ଟି ଲେଖାଏଁ ବ୍ଲକ ଓ ତହସିଲ,୧୨୨ ଗୋଟି ରାଜସ୍ୱ ସର୍କଲ, ଗୋଟିଏ ମ୍ୟୁନିସିପାଲ୍ଟି, ୩ ଟି ଏନଏସି, ୨୬୮ ଗ୍ରାମ ପଞ୍ଚାୟତ, ୧୭୭୨ ରାଜସ୍ୱ ଗ୍ରାମ ଓ ୩୦ଟି ପୁଲିସ ଷ୍ଟେସନ ରହିଛି। ଜିଲ୍ଲାରେ ୧୮୮୧୮୩ ହେକ୍ଟର ଚାଷ ଜମି ରହିଥିବାବେଳେ ୧୦୪୭୪୧ ଜଳସେଚିତ ଓ ୧୪୨୨୫ ହେକ୍ଟର ଜଙ୍ଗଲ ଜମି ରହିଛି। ଜିଲ୍ଲାରେ ମୁଖ୍ୟତଃ ଧାନ, ବିରି, ମୁଗ, ଆଖୁ ଚିନାବାଦାମ ଇତ୍ୟାଦି ଚାଷ ହୋଇଥାଏ ବୋଲି ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ପାୱାର ପ୍ରେଜେଣ୍ଟସନରେ ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଡିଏଫଓ ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଆୟୋଗର ଲିଆସନିଂ ଅଧିକାରୀ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଆୟୋଗର ସଦସ୍ୟ ପରାମର୍ଶଦାତା କୌସ୍ତୁଭ ଶ୍ରୀବାସ୍ତବ, ଅଞ୍ଚଳ ସାକ୍ସେନା, ମିସ୍ ସ୍ୱାତୀ ପ୍ରଧାନ, ଅକ୍ଷତ ଠାକୁରେ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

● ମନ୍ତ୍ରୀଙ୍କ ଦୃଢ଼ୋକ୍ତି

## ଗୋ-ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ

ପୁରୀ,୨୨ା୨(ସମିସ)

ଗୋଚାଲାଣକାରୀଙ୍କ ବିରୋଧରେ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଭିନ୍ନ ସମୟରେ ଗୋ ଚାଲାଣ ଖବର ଆସୁଛି। କେତେବେଳେ ସ୍ୱେଚ୍ଛାସେବୀ ଗୋ ଚାଲାଣ ହେଉଥିବା ଗାଡିକୁ ଅଟକାଇ ହୋ ହଲ୍ଲା କରୁଛନ୍ତି ତ ଆଉ କେତେବେଳେ ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜୁଛି। ତେଣୁ ଗୋ ବଂଶଙ୍କ ସୁରକ୍ଷା ପାଇଁ ସରକାର ବେଶ୍ ଯତ୍ନବାନ ଅଛନ୍ତି। ଗୋଚାଲାଣ ରୋକିବା ପାଇଁ କରାଯାଉଛି। ଶ୍ରୀମନ୍ଦିର ପାଇଁ ଗୋଶାଳା କରିବାକୁ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ସମସ୍ତ ଏନ୍‌ଜିଓ, ସାମାଜିକ କର୍ମୀଙ୍କୁ ଆହ୍ୱାନ କରାଯାଇଛି। ନିର୍ମାଣଠାରୁ ଆରମ୍ଭ କରି ଖାଇବା ପର୍ଯ୍ୟନ୍ତ ସବୁ ଯୋଗାଇଦେବେ ସରକାର। ତେଣୁ ଅଧିକରୁ ଅଧିକ ଗୋଶାଳା କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଓ ସଂସ୍ଥା ଆବେଦନ କରିପାରିବେ। କାମଧେନୁ ଯୋଜନା ମାଧ୍ୟମରେ ଗୋ ସୁଗମ ପୋର୍ଟାଲ୍‌ରେ ୩୦ ହଜାରରୁ ଊର୍ଦ୍ଧ୍ୱ ଆବେଦନ ରହିଛି। ଗୋ ସମ୍ପଦ ବୃଦ୍ଧି ଏବଂ ଓମ୍‌ଫେଡକୁ ସଶକ୍ତ କରିବାକୁ ଯୋଜନା



କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସବୁ ସ୍ଥାନୀୟ ଜିଲ୍ଲା ପ୍ରଶାସନ, ଜିଲ୍ଲାପାଳ, ଏସ୍‌ପିଙ୍କୁ ଏ କ୍ଷେତ୍ରରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୁହାଯାଇଛି। ଏଭଳି ଘଟଣା ସାମନାକୁ ଆସିଲେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସରକାରଙ୍କ ତରଫରୁ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ରହିଛି ବୋଲି ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି।

ଶନିବାର ମନ୍ତ୍ରୀ ଶ୍ରୀ ମଲ୍ଲିକ ଗୋବର୍ଦ୍ଧନ ପୀଠ ଗୋଶାଳା ପରିଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜଗନ୍ନାଥ ଦର୍ଶନ ସହ ଶଙ୍କରାଚାର୍ଯ୍ୟ ପୀଠ ଓ ଗୋଶାଳା ପରିଦର୍ଶନ କରି ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ଶ୍ରୀମନ୍ଦିର ପାଇଁ ଓମ୍‌ଫେଡ ଯୋଗାଇବାକୁ ସ୍ୱତନ୍ତ୍ର ଡିପୋ କରିବାକୁ ଯୋଜନା କରୁଛନ୍ତି ସରକାର। ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଉଥିବା ଘିଅ ସବ୍ସିଡାଇଜ ଜାରି ରହିଛି। ବିଶେଷକରି ଗ୍ରାମାଞ୍ଚଳର ଯୁବକଙ୍କ ଆତ୍ମନିର୍ଭର ପାଇଁ ସୁଯୋଗ ରହିଛି। ଘାସ ଚାଷ ପାଇଁ ମଧ୍ୟ ସବ୍‌ସିଡି ରହିଛି। ସରକାରକୁ ଆସିବା ପରେ ୨୦୦ ଗୋଶାଳା ପାଇଁ ଯୋଜନା ହୋଇଛି। ଏଥିପାଇଁ ୯କୋଟି ଟଙ୍କା ଦିଆଯାଇଛି। ତେବେ ଯୋଜନା ଜରିଆରେ ଗୋଶାଳା ପାଇଁ ୫୨ ଲକ୍ଷ ପର୍ଯ୍ୟନ୍ତ ସବ୍‌ସିଡି ଏବଂ ଯେଉଁମାନେ ଗାଇ ଲାଳନପାଳନ କରିବେ ସେମାନଙ୍କ ପାଇଁ ଗାଇ ପିଛା ୨୦ ହଜାର ଯୋଗାଇ ଦିଆଯିବ। ସେପଟେ ପ୍ରାଣୀ କଲ୍ୟାଣ ଯୋଜନା ଜରିଆରେ ନୂଆ ଭିତ୍ତିଭୂମି ପ୍ରସ୍ତୁତ ହେଉଛି। ଏଲ୍‌ଆଇ ଓ ଭିଏସ୍ ପୋଷ୍ଟଗୁଡ଼ିକ ପୂରଣ କରାଯାଉଛି। ୩୧୪ ବ୍ଲକରେ ବୁଲିଛି ଗୋଟିଏ କରି ଏମ୍‌ୟୁଭି ଗାଡ଼ି। ତା ସହିତ ୧୯୬୨ ହେଲ୍‌ପ ଲାଇନ କାର୍ଯ୍ୟକାରୀ ରହିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ।

## ଦୋକାନରୁ ଚୋରି ଉଦ୍ୟମ; ୨ ଗିରଫ

ପୁରୀ,୨୨ା୨(ସମିସ): ଦୋକାନ ତାଲା ଭାଙ୍ଗି ଚୋରି ଉଦ୍ୟମ କରୁଥିବା ଦୁଇ ଅଭିଯୁକ୍ତଙ୍କୁ ସମୁଦ୍ରକୁଳ ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅଞ୍ଚଳର ଲିଟୁ ଓରଫ ଅକ୍ଷୟ ଦାସ (୨୮) ଓ ବଳଙ୍ଗା ଥାନା ଅନ୍ତର୍ଗତ ମହାପାତ୍ର ସାହିର ଦୀପକ କୁମାର ମହାପାତ୍ର (୨୦)। ସେମାନଙ୍କ ଠାରୁ ଏକ ଲୁହା ରଡ଼ ଜବତ କରାଯାଇଛି। ପୁଲିସ କହିଛି ଯେ ଗତ ୧୯ରେ ଟାଉନ ଥାନା ଅନ୍ତର୍ଗତ ମାଟିମଣ୍ଡପ ସାହି ଦ୍ୱାରିକାନାଥ ଲେନର ମନୋଜ ଚୌଧୁରୀଙ୍କର ସମୁଦ୍ର କୁଳ ଥାନା ଅଧୀନ ସଂସ୍କୃତି ଭବନ ସମ୍ମୁଖରେ ଥିବା ଦୋକାନ ତାଲା ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

## ଆଇନଜୀବୀ ରମାବଲ୍ଲଭ ରଥଙ୍କ ପରଲୋକ

ପୁରୀ,୨୨ା୨(ସମିସ): ବିଶିଷ୍ଟ ଆଇନଜୀବୀ ଭାବେ ବେଶ୍ ସୁପରିଚିତ ରମାବଲ୍ଲଭ ରଥଙ୍କର ଶନିବାର ପରଲୋକ ହୋଇଯାଇଛି । ବୀରନରସିଂହପୁରସ୍ଥିତ ବାସଭବନରେ ସକାଳେ ଏହି ଦୁଃଖଦ ଘଟଣା ଘଟିଛି । ସେ ପୁରୀର ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ବଡ଼ ଭାଇ । ସ୍ୱର୍ଗତ ରଥ ଏକାଧାରାରେ ଜଣେ ବରିଷ୍ଠ ଆଇନଜୀବୀ, ରାଜନେତା, ସମାଜସେବୀ, ସମାଜ ସଂସ୍କାରକ, ଅତ୍ୟନ୍ତ ନମ୍ର, ଭଦ୍ର ଓ ପରୋପକାରୀ ବ୍ୟକ୍ତି ଭାବେ ବେଶ ଜଣାଶୁଣା। ତାଙ୍କ ମରଶରୀରକୁ ଗାଁରୁ ପ୍ରଥମେ ଭୁବନେଶ୍ୱର ୬୦ ଫରେଷ୍ଟ ପାର୍କସ୍ଥିତ ବାସଭବନକୁ



ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ତାଙ୍କ ମୃତଦେହ ସ୍ୱର୍ଗଦ୍ୱାରକୁ ଅଣାଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଛି । ଏହି ସମୟରେ ସ୍ୱର୍ଗଦ୍ୱାରରେ ବହୁ ବିଶିଷ୍ଟ ବ୍ୟକ୍ତି, ବନ୍ଧୁ, ପରିଜନ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# କୋଷ୍ଟାଲ ଟ୍ରେକିଂରେ ବେଳାଭୂମି ସ୍ୱଚ୍ଛତାର ବାର୍ତ୍ତା

ପୁରୀ,୨୨ା୨(ସମିସ)

ଅଲିଭ୍‌ରିଡଲେ କଇଁଛଙ୍କ ସୁରକ୍ଷା, ବେଳାଭୂମିକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବାର ବାର୍ତ୍ତା ନେଇ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ (ବିସିଏସି) ପକ୍ଷରୁ ଶନିବାର ପୁରୀ-ଚିଲିକା କୋଷ୍ଟାଲ ଟ୍ରେକିଂ ଆରମ୍ଭ ହୋଇଛି। ସକାଳେ ବ୍ଲୁଫ୍ଲାଗ ବିଚ୍‌ଠାରୁ ଚିଲିକାର ମୁହାଣ ଅଭିମୁଖେ ଏହି ଟ୍ରେକିଂକୁ ବିସିଏସି ସଭାପତି ଆଇପିଏସ୍ ସଞ୍ଜୀବ ପଣ୍ଡା ଶୁଭାରମ୍ଭ କରିଥିଲେ। ଏମାନଙ୍କ ମଧ୍ୟରେ ମହିଳା, ଯୁବକ, ବୁଦ୍ଧିଜୀବୀ ଏବଂ ପ୍ରଶାସନିକ ଅଧିକାରୀ ସାମିଲ ଥିଲେ। ସମସ୍ତଙ୍କ ହାତରେ ଥିଲା ସଚେତନତାର ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ। ପ୍ରାୟ ୫୦ ପଦଯାତ୍ରୀ ଚିଲିକା ମୁହାଣ ଅଭିମୁଖେ ବେଳାଭୂମିରେ ଚାଲି ଚାଲି ଯାଇଥିଲେ। ବାଟରେ ଯିବାବେଳେ ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା, ବେଳାଭୂମିକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା ନେଇ ପର୍ଯ୍ୟଟକ, ମତ୍ସ୍ୟଜୀବୀ, ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏପରି କି ସାମୁଦ୍ରିକ ପର୍ଯ୍ୟାବରଣ ସୁରକ୍ଷା ସମ୍ବନ୍ଧରେ ମଧ୍ୟ ବାର୍ତ୍ତା ଦେଇଥିଲେ। ମଧ୍ୟାହ୍ନ ସୁଦ୍ଧା ଏହି ପଦଯାତ୍ରୀ ଦଳ ୧୫ କିମି ଅତିକ୍ରମ କରି ବାଲିହରଚଣ୍ଡୀ ନିକଟରେ ପହଞ୍ଚିଥିଲେ। ସେଠାରେ ମଧ୍ୟାହ୍ନଭୋଜନ କରିବା ସହ ଝାଉଁ ଏବଂ କାଜୁ ଗଛ ତଳେ ବିଶ୍ରାମ ନେଇଥିଲେ। ଏହାପରେ ପୁଣି ଯାତ୍ରା ଆରମ୍ଭ କରିଥିଲେ। ସନ୍ଧ୍ୟା ସୁଦ୍ଧା ସେମାନେ ୩୧ କିମି ଅତିକ୍ରାନ୍ତ କରି ମୁହାଣରେ ପହଞ୍ଚିଥିଲେ। ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ (ବିସିଏସି) ପକ୍ଷରୁ ଏହା ଥିଲା ନବମ କୋଷ୍ଟାଲ ଟ୍ରେକିଂ।


ଅଲିଭ୍‌ରିଡଲେଙ୍କ ସୁରକ୍ଷା ପାଇଁ ବି ସଚେତନ କଲେ

### ଐତିହାସିକ କୀର୍ତ୍ତିରାଜିର ସ୍ମରଣୀୟ ପ୍ରତୀକ

# ଅଭିଲେଖଯୁକ୍ତ ବୀରଶିଳା ପାଠୋଦ୍ଧାର

ପିପିଲି,୨୨।୨(ମସିସ)



ପୁରୀ ଜିଲ୍ଲା ପିପିଲି ବ୍ଲକର ହାଟସାହି ପଞ୍ଚାୟତ ଅନ୍ତର୍ଗତ ପୋଢ଼ଗୁଣା ଗ୍ରାମରୁ ଏକ ଅଭିଲେଖ ଜଡ଼ିତ ବୀରଶିଳା (ହିରୋଷ୍ଟୋନ) ଚିହ୍ନଟ ହୋଇଛି। କଟକ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ମହିତୋଷ ଗୋପାଳ ଅଭିଲେଖର ପାଠ ଉଦ୍ଧାର କରିଛନ୍ତି। ସେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରାଙ୍କ ତତ୍ତ୍ୱାବଧାନରେ 'ହିରୋଷ୍ଟୋନସ୍ ଇନ୍ ଓଡ଼ିଶା: ଏ କଂପ୍ରେହେନ୍ସିଭ ଷ୍ଟଡି' ବିଷୟବସ୍ତୁ ଉପରେ ଗବେଷଣାରତ।

ଅଧ୍ୟାପକଙ୍କ କହିବା ଅନୁସାରେ ପ୍ରାଚୀନ ଐତିହାସିକ କୀର୍ତ୍ତିରାଜିର ଏକ ସ୍ମରଣୀୟ ପ୍ରତୀକ ହେଉଛି ବୀର ଶିଳା। ଏହା ଯୁଦ୍ଧରେ କିମ୍ବା କୌଣସି ବୀରତ୍ୱପୂର୍ଣ୍ଣ କାର୍ଯ୍ୟରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ସ୍ମୃତିରେ ନିର୍ମାଣ କରାଯାଏ। ଯାହା ବୀରଙ୍କ ସମ୍ମାନ ଓ ସ୍ମୃତି ରକ୍ଷା ନିମନ୍ତେ ଐତିହାସିକ, ସାମରିକ ଓ ସାଂସ୍କୃତିକ ଘଟଣାର ସାକ୍ଷୀ ଭାବେ କାର୍ଯ୍ୟ କରେ। ବୀରଶିଳା ସାଧାରଣତଃ କୌଣସି ଅସ୍ତ୍ରଶସ୍ତ୍ରଧାରୀ ବୀରଙ୍କୁ ଯୁଦ୍ଧ କରୁଥିବା ଭଙ୍ଗୀ ନଚେତ୍ ନିଜ ଆରାଧ୍ୟ ଦେବତାଙ୍କୁ ପୂଜା କରୁଥିବା ଦୃଶ୍ୟରେ ଦେଖିବାକୁ ମିଳିଥାଏ। ବୀରଶିଳା ଗୁଡ଼ିକୁ ତାଙ୍କର ଭାସ୍କର୍ଯ୍ୟ ଓ ଅଭିଲେଖ ଆଧାରରେ ତିନୋଟି ମୁଖ୍ୟ ଶ୍ରେଣୀରେ ବିଭକ୍ତ କରାଯାଇପାରେ। ତାହା ଅଭିଲେଖ ସହିତ ବୀର ଖୋଦିତ ମୂର୍ତ୍ତି, ଅଭିଲେଖ ବିନା ବୀର ଖୋଦିତ ମୂର୍ତ୍ତି ଓ ବୀର ମୂର୍ତ୍ତି ବିନା କେବଳ ଅଭିଲେଖ (ଯାହା ବିରଳ)। ଏହି ପୋଢ଼ଗୁଣା ଗ୍ରାମରୁ ମିଳିଥିବା ବୀରଶିଳା ହେଉଛି ଏକ ଅଭିଲେଖ ସହିତ ବୀର ଖୋଦିତ ମୂର୍ତ୍ତି। ଏହା ପୂର୍ବରୁ ଦଶଟି ଅଭିଲେଖଯୁକ୍ତ ବୀରଶିଳା ଓଡ଼ିଶାର ଯାଜପୁର, କଳାହାଣ୍ଡି, କଟକ ଓ ପୁରୀ ଆଦି ଜିଲ୍ଲାରେ ମିଳିଛି। ଏହି ବୀରଶିଳାଟି ବାଲିପଥରରେ ନିର୍ମିତ ଓ ଅଭିଲେଖ ସଂସ୍କୃତ ଭାଷା ଭଳି ମନେ ହେଉଛି। ଏହାର କୋଡ଼ିଏ ମିଟର ଦୂରରେ ଆଉ ଏକ ଅବହେଳିତ ମାଟିରେ ପୋତି ହୋଇଯାଇଥିବା ବୀରଶିଳାକୁ ଚିହ୍ନଟ କରିଛନ୍ତି ଅଧ୍ୟାପକ ଓ ଗବେଷକ ଶ୍ରୀ ଗୋପାଳ। ଅଧ୍ୟାପକଙ୍କ କହିବା ଅନୁସାରେ ଅଭିଲେଖବିହୀନ ବୀରଶିଳା ଓଡ଼ିଶାର ଅନେକ ଜିଲ୍ଲାରେ ଦେଖିବାକୁ ମିଳିଛି। ତନ୍ମଧ୍ୟରୁ କିଛି ମନ୍ଦିର ପ୍ରାଙ୍ଗଣରେ, କିଛି ଗ୍ରାମଦେବତୀ ହିସାବରେ, କିଛି ସଂଗ୍ରହାଳୟରେ ଓ ଅନେକ ଅବହେଳିତ ଭାବରେ ପଡ଼ିରହିଛନ୍ତି। ଦକ୍ଷିଣ ଭାରତରେ ଯଦିଓ ସବୁଠାରୁ ବେଶୀ ହିରୋଷ୍ଟୋନ ମିଳିଛି, ଓଡ଼ିଶାରେ ଐତିହ୍ୟ ଓ କୀର୍ତ୍ତିରାଜକୁ ବହନ କରୁଥିବା ବୀରଶିଳା ମଧ୍ୟ ବହୁତ ପଡ଼ିରହିଛି। ଏହି ସବୁ ପ୍ରକାରର ବୀରଶିଳା ଲିପିବଦ୍ଧ କରିବା ସହ ସଂରକ୍ଷଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ।

## ଚକାଡ଼ୋଲା କ୍ରିକେଟ କ୍ଲବ୍ ପ୍ରତିଯୋଗିତା; ଓମ୍ ଫାଇଟର ଚାମ୍ପିଅନ

ନିମାପଡା,୨୨।୨(ସମିସ): ନିମାପଡା ବ୍ଲକ ଅନ୍ତର୍ଗତ ବାମନାଳ ପଞ୍ଚାୟତ ଅନ୍ତର୍ଗତ ବଡନିନିଗାଁ ଛକଠାରେ ଚକାଡୋଲା କ୍ରିକେଟ୍ କ୍ଲବ ପକ୍ଷରୁ ଗ୍ରାମ ସ୍କୁଲ ପଡିଆରେ ତିନିଦିନିଆ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୬ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ଓମ୍ ଫାଇଟର ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡନିନିଗାଁ ୫ ୱିକେଟରେ ୩୦ ରନ ସଂଗ୍ରହ କରିଥିଲା। ତାର ଜବାବରେ ଓମ୍ ଫାଇଟର ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମିଳନ ମହାନ୍ତି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ



ଦାଶ, ୧୮ ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ସରପଞ୍ଚ ଦେବାଶୀଷ ଆଚାର୍ଯ୍ୟ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଅକ୍ଷୟ ବେହେରା, ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଦୀପକ ଦାସ, କାଳନ୍ଦୀ ଛାଟୋଇ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅମ୍ପାୟାର ଏସ.କେ ମହାପାତ୍ର, ମନୋରଞ୍ଜନ ଜେନା, ଅଜିତ ରଞ୍ଜନ ସାହୁ ମ୍ୟାଚ ପରିଚାଳନା କରିଥିଲେ । ସୁମନ ବେହେରା, ସଂଗ୍ରାମ ପ୍ରଧାନ, ବିକାଶ ନାୟକ, ରାମଚନ୍ଦ୍ର ବରାଳ ପ୍ରମୁଖ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିବା ବେଳେ ୫ଟି ପଞ୍ଚାୟତରୁ ପ୍ରାୟ ୨୦୦ ଖେଳାଳି ଅଂଶଗ୍ରହଣ କରିଥିଲେ।

## ସାର୍ବଜନୀନ କ୍ଷେତ୍ର କର୍ମଚାରୀ ମହାସଂଘ ପକ୍ଷରୁ ଦୁଇଦିନିଆ ସମ୍ମିଳନୀ




ପିପିଲି,୨୨।୨(ମସିସ)

ଭାରତୀୟ ମଜଦୁର ମହାସଂଘ ଆନୁକୂଲ୍ୟରେ ସାର୍ବଜନୀନ କ୍ଷେତ୍ର କର୍ମଚାରୀ ମହାସଂଘ ପକ୍ଷରୁ ପିପିଲି ସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ୧୫ତମ ତ୍ରୟବାର୍ଷିକ ଦୁଇଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଭାରି ଉଦ୍ୟୋଗ ଓ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ମୁଖ୍ୟଅତିଥି ଭାବରେ ଯୋଗଦେଇ କର୍ମଚାରୀମାନେ ନିଜର ସୁରକ୍ଷା କରିବା ସହିତ ଅନ୍ୟମାନଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାର ଓଡ଼ିଶାକୁ କାର୍ଯ୍ୟ କ୍ରିୟାନ୍ୱୟନର ପ୍ରୟୋଗଶାଳା କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିବା ବେଳେ ଆଜି ଭାରତୀୟ ମଜଦୁର ମହାସଂଘ ମଧ୍ୟ ସେହି ସମାନ ନୀତିକୁ ଆପଣେଇ ଜାତୀୟ ସମ୍ମିଳନୀ ଆୟୋଜନ କରିଥିଲା ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାରତୀୟ ମଜଦୁର ମହାସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ହିରଣ୍ୟମୟ ପାଣ୍ଡିଆ ଉଦବୋଧନ ଦେଇ ମହାସଂଘ ପକ୍ଷରୁ କର୍ମଚାରୀମାନଙ୍କର ସମସ୍ୟା ଓ ବିକାଶ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କେନ୍ଦ୍ର ଏବଂ ରାଜ୍ୟ ଉଭୟ ସରକାର ପ୍ରତ୍ୟେକ ସମୟରେ କର୍ମଚାରୀମାନଙ୍କ ସହିତ ରହିଛନ୍ତି। ସେମାନଙ୍କ ସମସ୍ୟାକୁ ଗୁରୁତର ସହିତ ବିଚାରକୁ ନେଇ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି କହିଥିଲେ। ରାଜ୍ୟ ଉଦ୍ୟୋଗ କର୍ମଚାରୀ ମହାସଂଘର ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗ ଦେଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ସମାଧାନ କିଭଳି କରାଯାଇ ପାରିବ ସେ ସମ୍ପର୍କରେ ନିଜସ୍ୱ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବରେ ଭାରତୀୟ ମଜୁଦର ସଂଘର ସଂଗଠନ ମନ୍ତ୍ରୀ ଗଣେଶ ମିଶ୍ର, ପ୍ରଭାରୀ ସୁନାକରି ମାଲେସମ ଏବଂ ରାମନାଥ ଗଣେଶ ପ୍ରମୁଖ ଯୋଗ ଦେଇଥିଲେ। ଫେଡ଼େରେସନର ସଂଗଠନ ସମ୍ପାଦକ ଗୋପାଳ କୃଷ୍ଣ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହାମନ୍ତ୍ରୀ ଭେଙ୍କଲ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

କେନ୍ଦ୍ରରେ ସପ୍ତମ ବେତନ କମିଶନ ବସିବା, ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟୋଗରେ ଦରମା ନିର୍ଦ୍ଧାରଣ ପାଇଁ ତୁରନ୍ତ ନୀତି ନିୟମାବଳୀ ଆଣିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଆବଶ୍ୟକ ଅନୁଯାୟୀ ନିଯୁକ୍ତି ପେନସନ୍‌ର ବ୍ୟବସ୍ଥା, ଠିକା ପ୍ରଥାକୁ ସମାପ୍ତ କରିବା ଆଦି ଅନେକ ଦାବି ଉପସ୍ଥାପନ କରାଯାଇଛି। ଏହି ସମ୍ମିଳନୀରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିଆନା, ଝାଡ଼ଖଣ୍ଡ, ତେଲଙ୍ଗାନା, ଉତ୍ତରାଖଣ୍ଡ, ନୂଆଦିଲ୍ଲୀ ଓ ଓଡ଼ିଶା ଆଦି ପ୍ରାୟ ୨୨ଟି ରାଜ୍ୟର ନାଲକୋ, ଭେଲ, ଏନଟିପିସି, ଏନଏଚପିସି, ହାଲ୍, ଇସିଆଇଏଲ କରେନ୍‌ସି ଆଣ୍ଡ କଏନ, ଏୟାର ଇଣ୍ଡିଆ, ଆଇଆଇଇଏଲ, ଆଇଓସିଏଲ, ଏଫସିଆଇ, ଟିଏଚଡ଼ିସି ଓ ଏନଏଚଡ଼ିସି ଆଦି ଉଦ୍ୟୋଗର କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସାର୍ବଜନୀନ କ୍ଷେତ୍ର କର୍ମଚାରୀ ମହାସଂଘର ଶଚିକାନ୍ତ ଗଡ଼ନାୟକ, ବୈକୁଣ୍ଠ ଦାସ, ସବ୍ୟସାଚୀ ମହାରଣା, ସତ୍ୟବ୍ରତ ପରିଡ଼ା, ପାର୍ଥ ସାରଥୀ ମହାନ୍ତି ଓ ବିଶ୍ୱଜିତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ବାର୍ଷିକୋତ୍ସବ

ଡେଲାଙ୍ଗ,୨୨।୨(ସମିସ): ଡେଲାଙ୍ଗ ବ୍ଲକ ବେରବୋଇସ୍ଥିତ ଗାନ୍ଧୀ ସ୍ମୃତିପୀଠ ସନ୍ନିକଟ କସ୍ତୁରବା ଗ୍ରାମ ସେବା କେନ୍ଦ୍ର ପରିସରରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କସ୍ତୁରବା ଗ୍ରାମ ସେବା କେନ୍ଦ୍ରର ଅଧ୍ୟକ୍ଷା କୁନ୍ତଳା କୁମାରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପ୍ରୋଜେକ୍ଟ ସ୍ୱରାଜର ସଦସ୍ୟା ଡଲି ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମମତା ମାହାପତ୍ର, ଶିକ୍ଷାବିତ୍ ନିର୍ମଳା ମହାପାତ୍ର, ସାହିତ୍ୟିକ ବିଭୂତି ଭୂଷଣ ମହାପାତ୍ର, ମିଳିତ ଓଡିଶା ନିଶା ନିବାରଣ ସଂଗଠନ ସଦସ୍ୟ ମଳୟ ତ୍ରିପାଠୀ, ଶୁଭେନ୍ଦୁ ରାଉତରାୟ, କୃଷକ ନେତା ଦୁର୍ଗାଚରଣ ଦାସ, କିଷାନ ପଟ୍ଟନାୟକ, ଆଇନ୍‌ଜୀବୀ ଅନିଲ ଦଳାଇ, ଶିକ୍ଷୟିତ୍ରୀ ଅନୁସୟା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀ ବେରବୋଇରେ ଅବସ୍ଥାନ ପୂର୍ବରୁ ଏହି ସେବା କୁଟୀର ଗ୍ରାମୀଣ କ୍ଷେତ୍ରରେ କୁନିକୁନି ପିଲାମାନଙ୍କୁ ବାଲବାଡି ଶିକ୍ଷା ଦେବା ସହିତ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବାର ଶିକ୍ଷା, ନିଶା ନିବାରଣ, ଗାନ୍ଧିଜୀଙ୍କ ଜୀବନୀ ଓ ଆଦର୍ଶର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିଆସୁଥିଲା। ଏହି ସେବା କୁଟୀରର



ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇ ପରବର୍ତ୍ତୀ ସମୟରେ ୧୯୩୮ ମସିହାରେ ଗାନ୍ଧିଜୀ ବେରବୋଇ ଆସି କୁଟୀର କର୍ମକର୍ତ୍ତାମାନଙ୍କର ପ୍ରଶଂସା କରିବା ସହିତ କୁଟୀର ସମ୍ମୁଖ ଗାନ୍ଧୀପୀଠ ଠାରେ ୭ଦିନ ଧରି ଅବସ୍ଥାନ କରିଥିବା ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ସେବା କେନ୍ଦ୍ର ପକ୍ଷରୁ 'ଆମ ବାଲବାଡି' ଓ 'ମା' ରମାଦେବୀ' ୨ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେବା କେନ୍ଦ୍ରର ସହ ସଂଚାଳିକା ଲକ୍ଷ୍ମୀପ୍ରିୟା ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟ ସଂଚାଳିକା କବିତାରାଣୀ ପରିଡା ସଭା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରାକ୍ତନ ଛାତ୍ରୀ ଆରାଧ୍ୟା ବେହେରାଙ୍କୁ ଆଦର୍ଶ ଛାତ୍ରୀ ପୁରସ୍କାର ସହିତ ୨୦୨୪-୨୫ ଶିକ୍ଷା ବର୍ଷର ଏନଆରଟିଏସରେ ଡେଲାଙ୍ଗ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଶୁଭସ୍ମିତା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

କଣାସ,୨୨।୨(ସମିସ): ଅର୍ନ୍ତଜାତୀୟ ମାତୃଭାଷା ଦିବସ ଶୁକ୍ରବାର କଣାସ ବ୍ଲକ ଅର୍ନ୍ତଗତ ଗଡବଡପୁଟ ପଞ୍ଚାୟତର ବାରଦାବାଦଲପୁର ସଂଯୁକ୍ତ ଉପ୍ରା ବିଦ୍ୟାଳୟ ସାଧନା କେନ୍ଦ୍ର ବିଭିନ୍ନ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଆଜି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ମାତୃଭାଷାର ଉନ୍ନତି ପାଇଁ ପ୍ରତ୍ୟେକ କାର୍ଯ୍ୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଆଳୁ ଭରତା ଓ ଟମାଟୋ ଖଟା ମଧ୍ୟାହ୍ନ ଭୋଜନ ସହ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପରସା ଯାଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସ୍ଥାନୀୟ ସାଧନ କେନ୍ଦ୍ର ସଂଯୋଜକ ଭୂପତିଭୂଷଣ ତ୍ରିପାଠୀ, ପରିଚାଳନା କମିଟର ସଭାପତି ବିରାଟ ବଳିୟାରସିଂହ, ଶିକ୍ଷକ ବିରବର ବେହେରା, ପ୍ରତାପ ଚନ୍ଦ୍ର ଦଳସିଂହ, ଦିପ୍ତୀରାଣୀ ସାହୁ ଓ ନୀଳମାଧବ ସ୍ୱାଇଁ ପ୍ରମୁଖ ଯୋଗଦେଇ ମାତୃଭାଷାର ମହତ୍ତ୍ୱ ସମ୍ପର୍କରେ ଉଦବୋଧନ ଦେବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ସାଧନ କେନ୍ଦ୍ର ଅର୍ନ୍ତଗତ ବୀରକେଶରପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଗଡସାନପୁଟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବେହେଣ୍ଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟିଗିରିଆ ଉପ୍ରା ବିଦ୍ୟାଳୟ, ବାରଦା ବାଦଲପୁର ସଂଯୁକ୍ତ ଉପ୍ରା ବିଦ୍ୟାଳୟ, କାମେଶ୍ୱରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ହଳଦୀପଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଓ ଡେଲାଙ୍ଗ ଚାରିପଡା ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ଅର୍ନ୍ତଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଛି।

## ୩ ନିଶା ବେପାରୀ ଅଟକ

ନୟାହାଟ,୨୨।୨(ସମିସ): ନୟାହାଟ ଫାଣ୍ଡି ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଜଣ ନିଶା ବେପାରୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ବେଆଇନ ନିଶା କାରବାର ରୋକିବା ପାଇଁ ଫାଣ୍ଡି ପକ୍ଷରୁ ନାଇଟ୍ ପାଟ୍ରୋଲିଂ ଜାରି ରହିଛି। ନୟାହାଟ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚର ଉପ ସଭାପତି ସୁରେନ୍ଦ୍ର ମୋହନ ବୀଟି କହିଛନ୍ତି ଯେ ନୟାହାଟ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଦିଗରେ ପାଟ୍ରୋଲିଂ ପାଇଁ ପୁଲିସକୁ ଗାଡ଼ି ଦିଆଯାଇ ନ ଥିବାରୁ ସମସ୍ୟା ଉପୁଜୁଛି। ସେହିପରି ବରିଷ୍ଠ ବିଜେପି କର୍ମୀ କେଦାର ନାଥ ସାହୁ କୁହନ୍ତି, ଗାଡ଼ି ନ ଥାଇ ମଧ୍ୟ ପୁଲିସ ବାଇକ୍‌ରେ ପାଟ୍ରୋଲିଂ କାର୍ଯ୍ୟ କରି ଅପରାଧ ନିୟନ୍ତ୍ରଣ କରୁଛି।

## ଅଷ୍ଟପ୍ରହର ନାମଯଜ୍ଞ



ଚାରିଛକ,୨୨।୨(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ସୁଧବାରିମୂଳ ଗ୍ରାମରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ୨୫ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞ ପାଇଁ ଅଧିବାସଦିନ ନୀତି ନିୟମ ଅନୁଯାୟୀ ନାମ ସଂକୀର୍ତ୍ତନ କରାଯାଇ ଏକ ଶୋଭାଯାତ୍ରାରେ ପ୍ରାଚୀ ନଦୀ ଗୋତୀର୍ଥ ପୀଠରୁ କଳସିଆମାନେ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ଗନି ଦାଶ ଓ ତାଙ୍କ ସହଯୋଗୀ ରୀତନୀତି ଅନୁଯାୟୀ ପୂଜାକାର୍ଯ୍ୟ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ଗ୍ରାମର ରଘୁନାଥ ବେହେରା ଓ ସ୍ୱର୍ଣ୍ଣଲତା ବେହେରା ପୂଜାରେ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଗ୍ରାମର ସମସ୍ତ ଲୋକ ସହଯୋଗ କରିଥିଲେ।

## ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଚାରିଛକ,୨୨।୨(ସମିସ): ଚାରିଛକ ନିକଟସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ ତୁଳସୀପୁରର ଶନିବାର 'ଆମ ସଂସ୍କୃତି, ଆମ ଖେଳଣା' ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ମୋହନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ମୁଖ୍ୟବକ୍ତା ଏବିଇଓ ସୁଦର୍ଶନ ଭୋଇ, ସମ୍ମାନିତ ଅତିଥି ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ, ସମିତିସଭ୍ୟା ଝରଣା ସାହୁ, ୱାର୍ଡସଭ୍ୟା ନିବେଦିତା ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଘୁନାଥ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କନକଲତା ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଷ୍ଣୁ ଚରଣ ସେନ୍‌ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ବାର୍ଷିକୋତ୍ସବରେ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ରାମଚରିତ ମାନସ ନବାହ୍ନ ପାରାୟଣ

ପିପିଲି,୨୨।୨(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଦୁର୍ଗାଦାସପୁର ଏବଂ ମଙ୍ଗଳପୁର ବଜାର କମିଟି ପକ୍ଷରୁ ଅଷ୍ଟବିଂଶତମ ବାର୍ଷିକ ଶ୍ରୀମଦ ରାମଚରିତ ମାନସ ନବାହ୍ନ ପାରାୟଣର ନବଦିନାତ୍ମକ ପାରାୟଣ ଗତ ୧୪ ତାରିଖରୁ ଆରମ୍ଭ ହୋଇ ଶନିବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। କଳସ ସ୍ଥାପନ ପ୍ରତ୍ୟହ ସୂର୍ଯ୍ୟ ପୂଜା, ଗୋ ପୂଜା, ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଶ୍ରୀରାମଚରିତ ମାନସ ପାଠ ଏବଂ ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ କରାଯାଉଅଛି। ପ୍ରବଚକ ବାସୁଦେବ ଦାସ, ସନ୍ତୋଷିନୀ ମିଶ୍ର, ପଣ୍ଡିତ ଜିତେନ୍ଦ୍ର ନାରାୟଣ ପାଢ଼ୀ, ତପସ୍ୱିନୀ ପାଢ଼ୀ ନବଦିନ ବ୍ୟାପୀ ରାମ କଥା ଉପରେ ପ୍ରବଚନ ଦେଇଥିଲେ। ଏଥିରେ ବ୍ୟାସ ଜିତେନ୍ଦ୍ର ନାରାୟଣ ପାଢ଼ୀ, ପୂଜକ ଆଚାର୍ଯ୍ୟ ରମାକାନ୍ତ ମିଶ୍ର ଏବଂ କର୍ତ୍ତା କର୍ତ୍ତୀ ଦୁର୍ଗାଦାସପୁର ଗ୍ରାମର ସଦାଶିବ ଦାଶ ଓ ଗୀତାଞ୍ଜଳି ଦାଶ ଉପସ୍ଥିତ ଥିଲେ।

## ୨୫ରୁ ପାଇଖଳା ସିଦ୍ଧେଶ୍ୱର ମନ୍ଦିରରେ ଭଜନ ସନ୍ଧ୍ୟା

ଅସ୍ତରଙ୍ଗ,୨୨।୨(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ପାଇଖଳାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ମହାଶିବରାତ୍ରି ଅବସରରେ ଆସନ୍ତା ୨୫ ତାରିଖରୁ ୩ ଦିନ ବ୍ୟାପୀ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ୨୫ ତାରିଖରେ ଓଡିଶାର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଇରା ମହାନ୍ତି ଏବଂ ପ୍ରଦୀପ ଖଟୋଇ ଭଜନ ପରିବେଷଣ କରିବେ। ୨୬ ତାରିଖରେ ପ୍ରସିଦ୍ଧ କୀର୍ତ୍ତନ ଗାୟକ ଲକି ବାବା ଏବଂ ୨୭ ତାରିଖରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଭଜନ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସଭାପତି ମିଟୁ ଚରଣ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଅବସରରେ ୩ ଦିନ ପର୍ଯ୍ୟନ୍ତ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିବାବେଳେ ସମସ୍ତ ଭକ୍ତମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁଷ୍ଠାନର ଉପଦେଷ୍ଟା ବ୍ରଜବନ୍ଧୁ ସେନାପତି ଏବଂ ସମ୍ପାଦକ ଶ୍ରୀନାଥ ବିଶ୍ୱାଳ ନିବେଦନ କରିଛନ୍ତି।

## ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଯୋଗଦାନ

ନିମାପଡ଼ା,୨୨।୨(ସମିସ): ନିମାପଡ଼ାର ନୂତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଭୋଇ ପୂର୍ବରୁ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟରେ ଯୋଗଦାନ ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବିଇଓ ଦ୍ୱିତୀକାନ୍ତ ପ୍ରଧାନଙ୍କ ସମେତ ସମସ୍ତ ସହକର୍ମୀ ଫୁଲତୋଡା ଦେଇ ସ୍ୱାଗତ କରିଛନ୍ତି।



## ସାନତୋଟାରେ ଗୋ-ସେବା ପ୍ରତିଷ୍ଠାନର ଶିଳାନ୍ୟାସ

ଭୂଷଣ୍ଡପୁର,୨୨।୨(ସମିସ): ଟାଙ୍ଗୀ ବ୍ଲକ ବାଲିପାଟପୁର ଗ୍ରାମପଞ୍ଚାୟତର ସାନତୋଟାଠାରେ ଶ୍ରୀ ଶ୍ରୀ ରଘୁନାଥ ଦେବ ଗୋସେବା ପ୍ରତିଷ୍ଠାନର ଶିଳାନ୍ୟାସ କରାଯାଇଛି। ପୁରୀର ହରିହରା ନନ୍ଦ ଗୋସେବା ପ୍ରତିଷ୍ଠାନର ଦିଗଦର୍ଶନରେ ପ୍ରତିଷ୍ଠା ହେବାକୁ ଥିବା ଏହି ଗୋସେବା ପ୍ରତିଷ୍ଠାନକୁ ବାଲିପାଟପୁର ଏବଂ ଭୂଷଣ୍ଡପୁର ପଞ୍ଚାୟତର ଜନସାଧାରଣ ସହଯୋଗ କରିଥିଲେ। ଏଥିପାଇଁ ଅନୁଷ୍ଠିତ ଯଜ୍ଞରେ ସମାଜସେବୀ ସନ୍ତାପ ପାତ୍ର କର୍ତ୍ତା ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରଫେସର ନିରୋଦ ଚନ୍ଦ୍ର ଦାସ ଏବଂ ସମ୍ମାନିତ ଅତିଥି ରୂପେ ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ଧୀରେନ୍ଦ୍ର ବେହେରା, ସମିତିସଭ୍ୟ ଲକ୍ଷ୍ମୀଧର ବେହେରା, ସମିତିସଭ୍ୟା ସୂଦୀପ୍ତା ବେହେରା ଏବଂ ପ୍ରତିଷ୍ଠାନର କର୍ମକର୍ତ୍ତା ଗାୟକ ରବୀନ୍ଦ୍ର କୁମାର ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ପରିଡା, ନବକିଶୋର ବାରିକ, ସଂଗ୍ରାମ କେଶରୀ ପଟ୍ଟନାୟକ, କୃପାସିନ୍ଧୁ ବେହେରା, ବିରଞ୍ଚି ନାରାୟଣ ପ୍ରଧାନ, ପ୍ରଦୀପ ପଟ୍ଟନାୟକ, ପ୍ରଦୀପ ପାତ୍ର, ଶିକ୍ଷକ ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ସମାଜସେବୀ ଯୁଧିଷ୍ଠିର ସାହୁ, କାଶୀନାଥ ସାହୁ, ନାରଖରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



# ନୂଆମଠ ପୀଠରେ ପହଞ୍ଚିଲା ପ୍ରାଚୀ ପରିକ୍ରମା ଦଳ

ନୟାହାଟ/ଚାରିଛକ, ୨୨।୨(ସମିସ)

ପୁରୀ ଜିଲ୍ଲାର ନୟାହାଟ ଫାଣ୍ଡି ଅନ୍ତର୍ଗତ ନୂଆ ମଠ ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ପ୍ରାଚୀ ପରିକ୍ରମା ପଦଯାତ୍ରାର ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଶ୍ରୀ ଶ୍ରୀ ଗୁରୁଦେବଙ୍କ ମନ୍ଦିରରେ ସ୍ୱତନ୍ତ୍ର ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଚୀ ପରିକ୍ରମା ପଦଯାତ୍ରାର ମାର୍ଗଦର୍ଶକ ପ୍ରଜ୍ଞାନାନନ୍ଦ ମହାରାଜ, ସ୍ୱାମୀ ସୁଧାନନ୍ଦ ଗିରୀ, ମହନ୍ତ ଚିନ୍ତାମଣି ପର୍ବତ ବାବାଜୀ ଦାମୋଦର ଦାସ, ମହନ୍ତ ରାମକୃଷ୍ଣ ଦାସ, ବାବାଜୀ ରାମ ଦାସ, ମହନ୍ତ ଦିବ୍ୟକୃଷ୍ଣ ଦାସ, ବାବାଜୀ ସତ୍ୟାନନ୍ଦ ଦାସଙ୍କ ସମେତ ବିଦେଶରୁ ବହୁ ସାଧୁ ସନ୍ଥ, ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଯାତ୍ରୀ ମାନଙ୍କୁ ଆଶ୍ରମ ତରଫରୁ ସେବକ, ସେବିକା ବାବାଜୀ ଅକ୍ଷୟ କୁମାର ଦାସ, ଶକୁନ୍ତଳା ଦାସ, ସବିତା ଦାସ, ଅନୁ ମା', ରମା ମା', ହର୍ଷ ମା', ପ୍ରୀତି ରଞ୍ଜନ ଦାସ, କୃଷ୍ଣଚନ୍ଦ୍ର ଓଝା, ରବିନ୍ଦ୍ର ଦାସ, ଶଶିକାନ୍ତ ଖୁଣ୍ଟିଆ ପ୍ରମୁଖ ସେମାନଙ୍କୁ ପ୍ରଥମେ ସମ୍ବର୍ଦ୍ଧିତ କରିବା ସହିତ ବନ୍ଦାପନା କରିଥିଲେ। ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଲିଖିତ ପ୍ରାଚୀର ମହତ୍ତ୍ୱ ବନ୍ଦନା ବାବାଜୀ ଦାମୋଦର ଦାସ ପରିବେଷଣ କରି ଥିଲେ। ପୂଣ୍ୟତୋୟା ପ୍ରାଚୀ ସରସ୍ୱତୀ ଉତ୍କଳର କଳା, ଧାର୍ମିକ ତଥା ସାଂସ୍କୃତିକ ପରମ୍ପରାକୁ ସ୍ମୃତିଚାରଣ ସହିତ ଧର୍ମକୁ ଜାଗ୍ରତ କରିବା, ସ୍ମୃତି ପୀଠ ଗୁଡିକର ପୁନଃରୁଦ୍ଧାର, ଅପସଂସ୍କୃତି ବିରୋଧରେ ଜନ ସଚେତନା ସୃଷ୍ଟିକରିବା, ପ୍ରାଚୀ ମାତାଙ୍କ ପବିତ୍ରତା ରକ୍ଷା କରିବା, ଇତ୍ୟାଦି ଲକ୍ଷ୍ୟ ନେଇ ଏହି ପଦଯାତ୍ରାର ୧୪ତମ ବାର୍ଷିକୀ ପାଳିତ ହେଉଛି ବୋଲି ମହାରାଜ ପ୍ରକାଶ କରିଥିଲେ। ସମସ୍ତ ଭକ୍ତ ମହାପ୍ରସାଦ ସେବନ କରି ଆଶ୍ରମରେ ବିଶ୍ରାମ କରିଥିଲେ। ଏହି ପରିକ୍ରମା ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହୋଇ ଶନିବାର ପଞ୍ଚମ ଦିନରେ ପହଞ୍ଚିଛି।



# ବାଇକ୍ ଚୋରିରେ ଡିପ୍ଲୋମା ଓ ବିଟେକ୍ ଛାତ୍ର



**ଭୁବନେଶ୍ୱର,୨୨।୨(ସମିସ):** ଏମ୍‌ସରେ ହୋଇଥିବା ବାଇକ୍ ଚୋରି ଘଟଣାର ତଦନ୍ତ କରୁଥିବା ଖଣ୍ଡଗିରି ଥାନା ପୁଲିସ ଏକ ଗ୍ୟାଙ୍ଗ୍‌ର ଫର୍ଦ୍ଦାଫାଶ୍ କରିଛି। ବାଇକ୍ ଚୋରିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଓଡ଼ଗାଁ ନନ୍ଦିଘରର ଗ୍ୟାରେଜ୍ ମାଲିକ ବସନ୍ତ ରାଉତ ଓରଫ ଡବ୍ଲ୍ୟୁ (୨୮) ଓ ଅଙ୍କିତ ରାଉତ (୨୧)। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି, ବସନ୍ତ ଡିପ୍ଲୋମା ପଢ଼ିଥିବାବେଳେ ଅଙ୍କିତ ଏବେ ଏକ କଲେଜରେ ବିଟେକ୍ ପାଠପଢୁଛନ୍ତି। ପୁଲିସ ସୂଚନା ଅନୁସାରେ, ନୟାଗଡ଼ ଟାଉନ୍ ଥାନା ଅଞ୍ଚଳର ପ୍ରମୋଦ ସାହୁ ତାଙ୍କ ବାପାଙ୍କ ଚିକିତ୍ସା ପାଇଁ ଗତ ୫ ତାରିଖରେ ଏମ୍‌ସ ଆସିଥିଲେ। ପାର୍କିଂରେ ଗାଡ଼ି ରଖି ମେଡିକାଲ ଭିତରକୁ ଯାଇଥିଲେ। ସେହି ସମୟରେ ବସନ୍ତ ଓ ଅଙ୍କିତ ତାଙ୍କ ଗାଡ଼ିକୁ ଚୋରି କରି ନେଇଯାଇଥିଲେ। ପରଦିନ ଅର୍ଥାତ୍ ୬ ତାରିଖରେ ପ୍ରମୋଦ ଗାଡ଼ି ନ ପାଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ସିସିଟିଭି ଫୁଟେଜ୍ ଯାଞ୍ଚ ସହିତ ବିଭିନ୍ନ ଦିଗରୁ ତଦନ୍ତ କରିବା ପରେ ବସନ୍ତ ଓ ଅଙ୍କିତ ଏହି ଚୋରି କରିଥିବା ଜଣାପଡ଼ିଥିଲା। ଦୁଇ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସେମାନେ ମଧ୍ୟ ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ। କେବଳ ଏମ୍‌ସରୁ ନୁହେଁ, ବରଂ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ସେମାନେ ବାଇକ୍ ଚୋରି କରିଥିବା ଜଣାପଡ଼ିଥିଲା। ପୁଲିସ ଟିମ୍ ସେମାନଙ୍କୁ ଧରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ୍ ୯ଟି ଗାଡ଼ି ଜବତ କରିଥିଲା। ଗିରଫ କରିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

■ ନୟାଗଡ଼ ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣା

# ୩ ଦିନ ପରେ ବି ପୁଲିସ ହାତଖାଲି

**ନୟାଗଡ଼,୨୨।୨(ସମିସ):** ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଲୁଟେରାମାନେ ଠାକୁରଙ୍କ ଗର୍ଭଗୃହରେ ପଶି ରତ୍ନ ସିଂହାସନରେ ଚଢ଼ି ଲୁଟ ଘଟଣାକୁ ତିନି ଦିନ ବିତିଥିବା ବେଳେ ପୁଲିସ ହାତ ଖାଲି ରହିଛି। ତିନି ଠାକୁର ପିନ୍ଧିଥିବା କିରଟି ଓ ନାକଚଣା ସମେତ ବହୁ ମୂଲ୍ୟବାନ ସୁନା ଅଳଙ୍କାର ଲୁଟି ନେଇଥିବା ସୂଚନା ମିଳିଛି। ସେସବୁର ଆନୁମାନିକ ୧୩୦୦ ଗ୍ରାମ ଓଜନ ଓ ପ୍ରାୟ ୧ ଲକ୍ଷ ଟଙ୍କା ମୂଲ୍ୟ ହେବ। ଏଥିସହ ମନ୍ଦିର ଭିତରେ ଥିବା ହୁଣ୍ଡି ତାଲା ଭାଙ୍ଗି ଟଙ୍କା ନେଇ ଯାଇଛନ୍ତି। ସେଥିରୁ ପ୍ରାୟ ୫୦ ହଜାର ଟଙ୍କା ନେଇଥିବା ଜଣାପଡ଼ିଛି। ଗୁରୁବାର ଭୋରରୁ ରାତ୍ର ଜଗୁଆଳ ଏବଂ ପୂଜକ ମନ୍ଦିର ଦ୍ୱାର ତାଲା ଭଙ୍ଗା ଯାଇଥିବା ଦେଖି ମନ୍ଦିର ପରିଚାଳକଙ୍କୁ ଖବର ଦେଇଥିଲେ। ଏହାପରେ ମନ୍ଦିର ପରିଚାଳକଙ୍କ ସମେତ ନୟାଗଡ଼ ଟାଉନ ଥାନା ପୁଲିସ ପହଞ୍ଚି ମନ୍ଦିରର ଭିତର ସ୍ଥିତି ଅନୁଧ୍ୟାନ କରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ମନ୍ଦିର ପରିଚାଳକ ନୟାଗଡ଼ ଟାଉନଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରିଛି। ଘଟଣା ଦିନ ଏସ୍‌ଡିପିଓ ଓ ଥାନା ଅଧିକାରୀ ମନ୍ଦିରକୁ ଯାଇ ପାରିପାର୍ଶ୍ୱିକ ଅବସ୍ଥାକୁ ଯାଞ୍ଚ କରିଥିବା ବେଳେ ଏଯାଏଁ କୌଣସି ସୁରାକ ମିଳିନଥିବା ଜଣାପଡ଼ିଛି। ଘଟଣାକୁ ତିନି ଦିନ ବିତିଥିବା ବେଳେ ପୁଲିସ ହାତ ଖାଲି ରହିଛି। ଏନେଇ ଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ, ଘଟଣାର ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତ ଜଣେ ପେଷାଦାର ଅପରାଧୀ। ସେ ଅନ୍ୟ ଜିଲ୍ଲାରୁ ବସ୍ ଯୋଗେ ନୟାଗଡ଼ ଆସି ଜଗନ୍ନାଥ ମନ୍ଦିରରୁ ଲୁଟ୍ କରିଥିବା ଅନୁମାନ କରାଯାଉଛି। ପୁଲିସ ଏ ଦିଗରେ ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଘଟଣାର ଅନୁସନ୍ଧାନ କରାଯାଉଛି।

# ଆଜିଠୁ ମହେନ୍ଦ୍ର ସ୍ୱାଇଁ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ




**ଖଣ୍ଡପଡ଼ା,୨୨।୨(ସମିସ):** ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ କ୍ରୀଡ଼ାଙ୍ଗନରେ ରବିବାରଠାରୁ ୬ଷ୍ଠ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ନିମନ୍ତେ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ସଂଘ ସଭାପତି ସମାଜସେବୀ ଚିତ୍ତରଞ୍ଜନ ମିଶ୍ରଙ୍କ ଆବାହକତ୍ୱରେ ଆଜି ପୂର୍ତ୍ତ ଡାକବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଫୁଟ୍‌ବଲ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଖଣ୍ଡପଡ଼ା ବିଧାୟକ ତଥା ମହେନ୍ଦ୍ର ସ୍ୱାଇଁ ସ୍ମୃତି ପରିଷଦର ଅଧ୍ୟକ୍ଷ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗୀୟ ପିତା ମହେନ୍ଦ୍ର ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ମନରେ ଉତ୍ସାହ ଭରିବା ପାଇଁ ଏହି ଫୁଟ୍‌ବଲ ମହାକୁମ୍ଭର ମୂଳ ଲକ୍ଷ୍ୟ ବୋଲି ବିଧାୟକ ଶ୍ରୀ ସ୍ୱାଇଁ କହିଥିଲେ। ଏତଦ୍ ବ୍ୟତୀତ ସମସ୍ତଙ୍କ ସହଯୋଗ କ୍ରମେ ଶାନ୍ତିଶୃଙ୍ଖଳା ସହିତ କିଭଳି ଦର୍ଶକ ଖେଳକୁ ଉପଭୋଗ କରିବେ ସେନେଇ ଆଲୋଚନା କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ବିନାୟକ ମିଶ୍ର, କ୍ରୀଡ଼ାବିତ୍ ଭିକାରୀ ଖଣ୍ଡାୟତ ଓ ସମାଜସେବୀ ନବକିଶୋର ସାହୁ ମଞ୍ଚାସୀନ ଥିଲେ। ସେହିଭଳି ଖଣ୍ଡପଡ଼ା ବ୍ଲକର ବହୁ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ଏହି ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ତେବେ ରବିବାର ଉଦ୍‌ଘାଟନୀ ଦିବସରେ ଅନୁଗୁଳ ପତାକା କ୍ଲବ ସହିତ ଜଟଣୀ ଉତ୍କଳ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

**ମଡେଲ ମଣ୍ଡି ନିର୍ମାଣରେ ଅନିୟମିତତା ଗନ୍ଧ**

# ପେଟି ଠିକାଦାରଙ୍କ ଦ୍ୱାରା ଚାଲିଛି ନିର୍ମାଣ

**ନୟାଗଡ଼,୨୨।୨(ସମିସ)**

ନୟାଗଡ଼ ବଳରାମ ପାହାଡ଼ ପାଦଦେଶରେ ମଡେଲ ମଣ୍ଡି ନିର୍ମାଣ କାର୍ଯ୍ୟରେ ସାଂଘାତିକ ଅନିୟମିତତା ଗନ୍ଧ ବାରି ହେଉଛି। ନୟାଗଡ଼ ସହର ନିକଟସ୍ଥ ତୁଳସୀପୁର ମୌଜା ତଥା ବଲ୍ଲଭପୁର ଗାଁ ନିକଟରେ ୮ କୋଟି ଟଙ୍କା ବ୍ୟୟ ଅଟକଳରେ ମଡେଲ ମଣ୍ଡି ନିର୍ମାଣ କରାଯାଉଛି। ବାହାଡ଼ଝୋଲା

**ଠିକାଦାର ବିକ୍ରି କରିଛନ୍ତି କାମ; ମଧ୍ୟସ୍ଥି ଆର୍‌ଏମ୍‌ସି!**

**ନିମ୍ନମାନର କାମ ହେଉଥିବା ଅଭିଯୋଗ**



ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ନିର୍ମାଣ ହେଉଥିବା ମଣ୍ଡି କାର୍ଯ୍ୟ କରିବା ପାଇଁ ୨୦୨୪ ମସିହା ମାର୍ଚ୍ଚ ୧୨ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ଏଥିପାଇଁ ଦୁଇଟି ଟେଣ୍ଡର କରାଯାଇଥିଲା। କାମକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିବା ବେଳେ ଜଣେ ଠିକାଦାର କାମ ଦାୟିତ୍ୱ ପାଇଥିଲେ। ବର୍ଷେ ତଳେ ଶିଳାନ୍ୟାସ ହୋଇଥିବା ଏହି ବ୍ୟୟ ବହୁଳ ମଣ୍ଡି ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ଦାୟିତ୍ୱ ନେଇଥିବା ଠିକାସଂସ୍ଥା କାମ କରୁନଥିବା ଜଣାପଡ଼ିଛି। କିମ୍ବା ନିର୍ମାଣାଧୀନ ମଣ୍ଡି ନିକଟରେ କୌଣସି ସୂଚନାଫଳକ ମଧ୍ୟ ଲଗାଯାଇ ନାହିଁ। ଏହି କାମକୁ ଉକ୍ତ ଠିକାସଂସ୍ଥା ନୟାଗଡ଼ ଜିଲ୍ଲାର ୪ ଜଣ ପେଟି ଠିକାଦାରଙ୍କୁ କାମ ବିକ୍ରି କରି ଦେଇଥିବା ସୂଚନା ମିଳିଛି। ଠିକାଦାରଙ୍କୁ କମିଶନ ଦେଇ ପେଟି ଠିକାଦାରମାନେ କାମ ଆରମ୍ଭ କରିଥିବା ବେଳେ ଆରମ୍ଭରୁ ନିମ୍ନମାନର କାମ କରାଯାଉଛି। ଠିକାଦାର ଏବଂ ପେଟି ଠିକାଦାରଙ୍କ ମଧ୍ୟରେ ବାହାଡ଼ଝୋଲା ନିୟନ୍ତ୍ରିତ ବଜାର କମିଟି ମଧ୍ୟସ୍ଥି ସାଜିଥିବା ଅଭିଯୋଗ ହେଉଛି। ଏଥିପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରାଯାଇଛି। ନୟାଗଡ଼ର କିଛି ଜନପ୍ରତିନିଧି ପେଟି ଠିକାଦାର ସାଜି ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଛି।

ମଡେଲ ମଣ୍ଡିରେ ୩୨ଟି ଗୋଦାମ ଗୃହ, ୧ ହଜାର ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ବଡ଼ଗୋଦାମ ଗୃହ ୨ଟି, ଖଳା, କୃଷିଜାତ ଦ୍ରବ୍ୟ ଗୁଣବତ୍ତା ଅନୁଯାୟୀ ପୃଥକ କରିବା ଗୃହ, ୩୦ ମେଟ୍ରିକ ଟନ ବିଶିଷ୍ଟ ଶୀତଳ ଭଣ୍ଡାର, ଓଜନ କଣ୍ଟା, କୃଷକ ସୂଚନା କେନ୍ଦ୍ର ଗୃହ, କୃଷକ ବିଶ୍ରାମ ଗୃହ, କ୍ୟାଣ୍ଟିନ୍, ନିଲାମ ଗୃହ, ମୁକ୍ତକାଶ ପିଣ୍ଡି, କାର୍ଯ୍ୟାଳୟ ଗୃହ, ଶୌଚାଳୟ, ୬୦ ଫୁଟ ଚଉଡ଼ା ରାସ୍ତା ନିର୍ମାଣ କରାଯିବାକୁ ଯୋଜନା ରହିଛି। ଏହି କାମକୁ ୪ ଜଣ ଠିକାଦାରଙ୍କ ମଧ୍ୟରେ ଟେଣ୍ଡର ନେଇଥିବା ଠିକାସଂସ୍ଥା ବାଣ୍ଟି ଦେଇଛି। କାମ ଦାୟିତ୍ୱରେ ରହିଥିବା ଯନ୍ତ୍ରୀଙ୍କ ନୟାଗଡ଼ରେ ଦେଖା ମିଳୁନଥିବାରୁ ପେଟି ଠିକାଦାରଙ୍କୁ ନିମ୍ନମାନର କାମ କରିବାକୁ ସୁଯୋଗ ମିଳୁଛି। ନିର୍ମାଣ ହେଉଥିବା ଗୃହଗୁଡ଼ିକ ପ୍ଲିନ୍ଥ ପର୍ଯ୍ୟନ୍ତ ବାଲି ପୋତିବା ନିୟମ ରହିଥିବା ବେଳେ ଏଥିରେ ମାଟି ଓ ମୋରମ ପୋତା ଯାଉଥିବା ଦେଖାଯାଇଛି। ସେହିଭଳି ଭାବେ ପିଲର ଗାତଗୁଡ଼ିକୁ ମଧ୍ୟ ମୋରମ ଓ ଚିକିଟା ମାଟିରେ ପୋତା ଯାଉଛି। ନିମ୍ନମାନର ରଡ୍ ଏବଂ ସିମେଣ୍ଟ ଦ୍ୱାରା ପେଟି ଠିକାଦାରମାନେ କାମ କରୁଥିବା ଦେଖାଯାଇଛି। ନୟାଗଡ଼ ସହରର ଅଭିବୃଦ୍ଧିକୁ ଲକ୍ଷ୍ୟ ରଖି ଏହି ମଡେଲ ମଣ୍ଡି ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିବା ବେଳେ ନିମ୍ନମାନର କାମ ସେଥିରେ ବାଧା ସୃଷ୍ଟି କରିବ ବୋଲି ଅନୁମାନ ହେଉଛି। ଏହାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଥିବା ବେଳେ ବାହାଡ଼ଝୋଲା ନିୟନ୍ତ୍ରିତ ବଜାର କମିଟି ମଧ୍ୟ କାମକୁ ଧ୍ୟାନ ଦେଉନଥିବା ଜଣାପଡ଼ିଛି। ଆରଏମ୍‌ସି ଭାରପ୍ରାପ୍ତ ସମ୍ପାଦକ କିମ୍ବା ଆର୍‌ଏମ୍‌ସି ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଏହାକୁ ଆଦୌ ଦୃଷ୍ଟି ଦେଉନଥିବା ସ୍ଥାନୀୟ ବଲ୍ଲଭପୁର ଗ୍ରାମବାସୀ କହିଛନ୍ତି। ଏନେଇ ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ପଚାରିବାରେ, ମୁଁ ଦେଖୁଛି ବୋଲି ଉତ୍ତର ଦେଇଛନ୍ତି। ଏହି ଘଟଣାର ତଦନ୍ତ କରି କାମ ବିକ୍ରି କରିଥିବା ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନତା

**ଓଡ଼ଗାଁ,୨୨।୨(ସମିସ):** ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ୍‌ର କୁରାଳ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅରୋମୀରା ଟ୍ରଷ୍ଟ ଆନୁକୂଲ୍ୟରେ ମାନବକୃତ ଜଙ୍ଗଲ ନିଆଁକୁ ରୋକିବା ଉଦ୍ଦେଶ୍ୟରେ ଟ୍ରଷ୍ଟ ପ୍ରତିଷ୍ଠାତା ପ୍ରକୃତି ବନ୍ଧୁ ସୁକାନ୍ତ ଚୌଧୁରୀଙ୍କ ନେତୃତ୍ୱରେ ଗାଁକୁ ଗାଁ ବୁଲି ସଚେତନ କରାଯାଇଛି। ଗ୍ରୀଷ୍ମ ଋତୁରେ ବାୟୁମଣ୍ଡଳର ଉଷ୍ମତା ବୃଦ୍ଧି ପାଇବା ଫଳରେ ମନୁଷ୍ୟଙ୍କ ଜାଣତ ଓ ଅଜାଣତରେ ଜଙ୍ଗଲରେ ନିଆଁଲାଗି ଜଙ୍ଗଲକୁ ଧ୍ୱସ୍ତ ବିଧ୍ୱସ୍ତ କରିବା ସହିତ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥାଏ। ଫଳରେ ଜଙ୍ଗଲରେ ରହୁଥିବା ବହୁ ଉପକାରୀ ବୃକ୍ଷଲତା ସହିତ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥାଏ। ଏଥିସହିତ ଜୈବ ଭାରସାମ୍ୟ ନଷ୍ଟ ହୋଇଥାଏ। ଚଳିତ ବର୍ଷ ଅଧିକ ଉତ୍ତାପ ବୃଦ୍ଧିର ସମ୍ଭାବନା ନେଇ ଆଗୁଆ ପଦକ୍ଷେପ ସ୍ୱରୂପ ପୂର୍ବ ବର୍ଷ ମାନଙ୍କ ପରି ବାହାଡ଼ାଝୋଲା ରିଜର୍ଭ ଶାଳ ବଣରେ ମଧ୍ୟରେ ଅବସ୍ଥିତ ଡହଙ୍ଗି ଗ୍ରାମରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିସହିତ ଜିଲ୍ଲା ଭିତରେ ଓ ବାହାର ଅଞ୍ଚଳର ବହୁ ସ୍ଥାନରେ ପୂର୍ବରୁ ପାଳପୋଡି ସହିତ ଜଙ୍ଗଲ ନିଆଁକୁ ରୋକିବା ଦିଗରେ ସେ ସଚେତନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏଥି ନିମନ୍ତେ ନିଜସ୍ୱ ଡାକବାଜି ଯନ୍ତ୍ର ସହାୟତାରେ ସଚେତନତାର ଗୀତ ସହିତ ‘ଜଙ୍ଗଲ ସୁରକ୍ଷା-ଆମରି ରକ୍ଷା’, ‘ବଣ ପଶୁ ପକ୍ଷୀ-ଆମର ସାଥୀ’ ଇତ୍ୟାଦି ସ୍ଲୋଗାନ ଦିଆଯାଇଥାଏ।

# ବିଦ୍ୟାଳୟରେ ବିଶ୍ୱ ଚିନ୍ତନ ଦିବସ

**ଓଡ଼ଗାଁ,୨୨।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ନୋଡାଲ ହାଇସ୍କୁଲ ପରିସରରେ ବିଶ୍ୱ ସ୍କାଉଟ୍ ଗାଇଡ୍ସର ପ୍ରତିଷ୍ଠାତା ରବର୍ଟ ବାଡେନ ପାୱେଲ ଓ ଲେଡି ବାଡେନ ପାୱେଲଙ୍କ ଜନ୍ମଦିନ ଉପଲକ୍ଷେ ଶନିବାର ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଗାଇଡ୍ସ ଟ୍ରେନର ରମେଶ ଚନ୍ଦ୍ର ବଳବନ୍ତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଫ୍ଲାଗ୍ ପ୍ରକ୍ରିୟା କାର୍ଯ୍ୟକ୍ରମ ବିଦ୍ୟାଳୟର ସ୍କାଉଟ୍ ଗାଇଡ୍ ପିଲାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଚିନ୍ତନ ଦିବସରେ ମୁଖ୍ୟ ଅତିଥି ଶ୍ରୀ ବଳବନ୍ତରାୟ ରବର୍ଟ ବାଡେନ ପାୱେଲଙ୍କ ଜୀବନୀ ଓ ଆଦର୍ଶ ଉପରେ ଅତିଥିଙ୍କ ଦ୍ୱାରା ଗାଇଡ୍ କର୍ତ୍ତବ୍ୟ ଓ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ସ୍କାଉଟ୍ ଗାଇଡ୍ ଶିକ୍ଷାର୍ଥୀମାନେ କର୍ତ୍ତବ୍ୟ ପାଳନ ପାଇଁ ଶପଥ ଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ସ୍କାଉଟିଂ କାର୍ଯ୍ୟକ୍ରମ ସହିତ ସ୍ୱଚ୍ଛତା କାର୍ଯ୍ୟ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ରାକେଶ ନାୟକଙ୍କ ଦ୍ୱାରା ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିବା ବେଳେ ଗାଇଡ୍ କ୍ୟାପଟେନ୍ ଦ୍ରୌପଦୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ସନ୍ଥ ଭକ୍ତଚରଣ ଦାସଙ୍କ ସ୍ମୃତିଚାରଣ




**ଦଶପଲ୍ଲା,୨୨।୨(ସମିସ):** ଏକ ମନୋଜ୍ଞ ସନ୍ଧ୍ୟାରେ ମଧ୍ୟଖଣ୍ଡସ୍ଥିତ ଗୌଡ଼ପାଟଣା ବୃନ୍ଦାବନ ଜୀଉ ମନ୍ଦିର ତଥା ସାଧନା ପୀଠ ପରିସରରେ ମଥୁରା ମଙ୍ଗଳ କାବ୍ୟ ପ୍ରଣେତା ମହାନ ସନ୍ଥ ଭକ୍ତଚରଣ ଦାସଙ୍କ ବାସନ୍ତିକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭକ୍ତଚରଣ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସାରସ୍ୱତ ସଭାରେ ସଭାପତି ଡ. ମାଧବ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ତଥା ବିଶିଷ୍ଟ ସ୍ତମ୍ଭକାର ଡ. ସୂର୍ଯ୍ୟ ନାରାୟଣ ଦାସ ଯୋଗଦେଇ ମଧ୍ୟଖଣ୍ଡକୁ ପ୍ରତୀକାତ୍ମକ ମଥୁରା ନଗରୀ ଆଖ୍ୟା ଦେବା ସହିତ ସତ୍ତା ଓ ଅସ୍ମିତାକୁ ଖୋଜିବାର ଆହ୍ୱାନ ଦେଇଥିଲେ। ‘ନନ୍ଦିଘୋଷ ଟିଭି’ର ସମ୍ପାଦକ ଶିଶିର ଭଟ୍ଟମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ଉପସ୍ଥିତିକୁ ଏକ ସୁଯୋଗ ଓ ସଂଯୋଗ ବୋଲି ଅଭିହିତ କରିବା ସହ ଜଣାଅଜଣା ଛକିଶୂନ ଖେଳରେ ଜୀବନର ସବୁଠାରୁ ବଡ଼ ବ୍ରତ ଅନ୍ୱେଷଣ ଓ ଉପଲବ୍ଧି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ତଥା ପ୍ରବକ୍ତା ଡ. କୃଷ୍ଣକେଶବ ଷଡ଼ଙ୍ଗୀ ଜାତୀୟ କର୍ତ୍ତବ୍ୟ ଓ ଅସ୍ମିତାର ପ୍ରାସଙ୍ଗିକତାରେ ସତ୍ତାକୁ ଖୋଜିବା ଓ ଉଜ୍ଜୀବିତ କରିବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଗବେଷକ ଡ. ସ୍ୱରାଜ ମିଶ୍ର ସନ୍ଥ ଭକ୍ତଚରଣଙ୍କ ଅନ୍ୟତମ ସାଧନା ପୀଠ ସୁନାଖଳା ମଠ ଓ ମଧ୍ୟଖଣ୍ଡ ମଠ ପରିଦର୍ଶନ ସହ କାର୍ଯ୍ୟକ୍ରମରେ ଯୋଗଦେଇ ତଥ୍ୟଭିତ୍ତିକ ଅଭିଭାଷଣ ରଖିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ଲକ୍ଷ୍ମୀଧର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ରଜନୀକାନ୍ତ ମହାପାତ୍ର ଓ ଟିମ୍ ଭକ୍ତଚରଣଙ୍କ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବହୁଭାଷୀ କବିତା ଓ ସଙ୍ଗୀତ ଆସର



**ନୟାଗଡ଼,୨୨।୨(ସମିସ):** ବିଶ୍ୱ ମାତୃଭାଷା ଦିବସ ଅବସରରେ ନୟାଗଡ଼ ଜିଲ୍ଲା ଲେଖକ ପରିଷଦ, ମା’ ଫାଉଣ୍ଡେସନ ସାମାଜିକ ଅନୁଷ୍ଠାନ, ପରମ୍ପରା ସାହିତ୍ୟ ସଂସଦ, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ଓ ସଂସ୍କୃତି ପରିଷଦ, ନାଟ୍ୟଧାରା, ମୈତ୍ରୀ ଯୁବ ସଂସଦ, ଆର୍ଟ ପଏଣ୍ଟ ଓ ସୁଧା ସାଂସ୍କୃତିକ ପରିଷଦର ମିଳିତ ଆୟୋଜନରେ ମୁକ୍ତାକାଶ ବହୁଭାଷୀ କବିତା ଓ ସଙ୍ଗୀତ ଆସର ସ୍ଥାନୀୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଲେଖକ ପରିଷଦ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ବିଶିଷ୍ଟ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ବରିଷ୍ଠ କବି ଏମ. ଔରଙ୍ଗଜେବ, ବିଶିଷ୍ଟ ସାହିତ୍ୟାନୁରାଗୀ ଉପେନ୍ଦ୍ର ତ୍ରିପାଠୀ, କବି ନିର୍ମଳ ଚନ୍ଦ୍ର ଶୂରଦେଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଲେଖକ ପରିଷଦ ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍ ସ୍ୱାଗତ ଭାଷଣ ଦେବା ସହିତ ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ। କବି ଗୋପୀନାଥ ସେଠୀ ଓ ନୀଳିମା ନନ୍ଦ କବିତା ସଂଯୋଜନା କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତ ଅର୍ଜୁନ ବାରିକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ରଞ୍ଜନ ରଶ୍ମି ଜେନା, କାଳନ୍ଦୀ ଆଚାରୀ, ସାମସୁଦ୍ଦିନ ଖାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୈତ୍ରୀ ସମ୍ପାଦକ ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ।

**ଶ୍ରୀଅନ୍ନ ଅଭିଯାନ ମହାଘୋଟାଲା**

# ଧିମା ଗତିରେ ଚାଲିଛି ମାଣ୍ଡିଆ ମଣ୍ଡି

**ନୟାଗଡ଼,୨୨।୨(ସମିସ)**

ନୟାଗଡ଼ ଜିଲ୍ଲାରେ ମାଣ୍ଡିଆ କିଣିବା ପାଇଁ ସରକାର ୧୩ଟି ମଣ୍ଡି ବ୍ୟବସ୍ଥା କରିଛନ୍ତି। ନୂଆଗାଁ ବ୍ଲକରେ ବିଜୟ ମିଲେଟସ୍ ନାମକ ସଂସ୍ଥା ମଣ୍ଡି ଦାୟିତ୍ୱ ନେଇଥିବା ବେଳେ ଜଗନ୍ନାଥପ୍ରସାଦ ଓ ମସ୍କାବାରୀରେ ମଣ୍ଡି ବ୍ୟବସ୍ଥା କରାଯାଇଛି। ସେହିଭଳି ଭାବେ ଗଣିଆରେ ବେଲପଡ଼ାପାଟଣା ଫାର୍ମର ପ୍ରଡ୍ୟୁସର କମ୍ପାନୀ ମଣ୍ଡି ଦାୟିତ୍ୱ ନେଇଥିବା ବେଳେ ବେଲପଡ଼ାପାଟଣା ଓ ଛାମୁଣ୍ଡିଆରେ ମଣ୍ଡି କରାଯାଉଛି। ଦଶପଲ୍ଲାରେ କୁଆଁରିଆ ଫାର୍ମର ପ୍ରଡ୍ୟୁସର କମ୍ପାନୀ ମଣ୍ଡି ଦାୟିତ୍ୱ ନେଇଥିବା ବେଳେ ଘୁଗୁଡ଼ିପଡ଼ା, ନେଳିଗୁଡ଼ା, ପୋଖରୀଗୋଛାରେ ମଣ୍ଡି ବ୍ୟବସ୍ଥା ହୋଇଛି। ଭାପୁରରେ ଶ୍ରୀ ଶ୍ରୀ ଫାର୍ମର ପ୍ରଡ୍ୟୁସର କମ୍ପାନୀ ମଣ୍ଡି ଦାୟିତ୍ୱ ନେଇଥିବା ବେଳେ ମାଧପୁର, ବାଦିଲୋ ଓ କରବର ଗାଁରେ ମଣ୍ଡି କରାଯାଉଛି। ଓଡ଼ଗାଁରେ ଲଡ୍ଡୁକେଶ ମିଲେଟ୍ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଦାୟିତ୍ୱ ନେଇଥିବା ବେଳେ ଚଢ଼େୟାପଲ୍ଲୀ, ଗୋଡ଼ିପଡ଼ା ଓ ଖଳିସାହିରେ ମଣ୍ଡି କରାଯାଉଛି। ଏହି ମଣ୍ଡିଗୁଡ଼ିକରେ ମାଣ୍ଡିଆ ଚାଷ ଦାୟିତ୍ୱରେ ରହିଥିବା ସଂସ୍ଥା ଏବଂ ମଣ୍ଡି ଦାୟିତ୍ୱରେ ରହିଥିବା ସଂସ୍ଥା ମିଳିତ ଭାବେ କେଳେଙ୍କାରୀ କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ମାଣ୍ଡିଆ ଚାଷ ହୋଇନଥିବା ପ୍ରମାଣ ‘ସକାଳ’ ନିକଟରେ ରହିଛି। କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରୁ ଅତ୍ୟନ୍ତ ନିକୃଷ୍ଟ ମାନର ମାଣ୍ଡିଆ କ୍ୱିଣ୍ଟାଲ ପିଛା ୨୫ ଶହ ଟଙ୍କାରେ କିଣି ଏହାକୁ ନୟାଗଡ଼ ଜିଲ୍ଲାର ମଣ୍ଡିଗୁଡ଼ିକରେ ବିକ୍ରି କରାଯାଉଛି। ଏହି ମାଣ୍ଡିଆକୁ ସମ୍ପୃକ୍ତ ସଂସ୍ଥାମାନେ କିଣିବା ପରେ ଏହାକୁ କନ୍ଧମାଳ ଜିଲ୍ଲା ଆଦିବାସୀ ଉନ୍ନୟନ ସମବାୟ ନିଗମ(ଟିଡିସିସି)କୁ ହସ୍ତାନ୍ତର କରୁଥିବା ଜିଲ୍ଲା କୃଷି ବିଭାଗରୁ ସୂଚନା ମିଳିଛି। ଟିଡିସିସି ଉକ୍ତ ମାଣ୍ଡିଆକୁ ରାସନ କାର୍ଡଧାରୀ ଏବଂ ଅଙ୍ଗନବାଡ଼ି ସେଣ୍ଟରକୁ ଯୋଗାଇବାର ଦାୟିତ୍ୱ ନେଇଛି। ଜିଲ୍ଲାରେ ମାଣ୍ଡିଆ ଚାଷ ଦାୟିତ୍ୱ ନେଇଥିବା ଏନ୍‌ଜିଓଗୁଡ଼ିକ ନିଜର ସଂସ୍ଥା କର୍ମଚାରୀ ଏବଂ ସମ୍ପର୍କୀୟଙ୍କ ନାମରେ ଅନ୍ୟ ଏକ ସଂସ୍ଥା କରି ମାଣ୍ଡିଆ ମଣ୍ଡି ଦାୟିତ୍ୱକୁ ଗ୍ରହଣ କରିଛନ୍ତି। ଫଳରେ ଏନ୍‌ଜିଓ ଏବଂ ମଣ୍ଡି ଦାୟିତ୍ୱରେ ରହିଥିବା ସଂସ୍ଥା ମିଳିଭଗତରେ କେଳେଙ୍କାରୀ କରାଯାଉଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାରୁ ୫ ହଜାର ୮ ଶହ କ୍ୱିଣ୍ଟାଲ ମାଣ୍ଡିଆ କିଣିବା ଟାର୍ଗେଟ ରହିଥିବା ବେଳେ ଜିଲ୍ଲାରୁ ଆଜି ସୁଦ୍ଧା ୨ ହଜାର କ୍ୱିଣ୍ଟାଲ ମାଣ୍ଡିଆ କିଣା ସରିନଥିବା ସୂଚନା ମିଳିଛି। ମାଣ୍ଡିଆ ବିକ୍ରିରେ ଓଡ଼ଗାଁ ବ୍ଲକ ସବୁଠାରୁ ପଛରେ ପଡ଼ିଥିବା ଜଣାପଡ଼ିଛି।

- ଜିଲ୍ଲାରେ ୫୮୦୦ ଲକ୍ଷ୍ୟ ଧାର୍ଯ୍ୟ
- ଏଯାଏଁ କିଣା ଯାଇନି ୨ ହଜାର କ୍ୱିଣ୍ଟାଲ
- ସବୁଠୁ ପଛରେ ପଡ଼ିଛି ଓଡ଼ଗାଁ ବ୍ଲକ୍

ମାଣ୍ଡିଆ ଚାଷ ଓ ମଣ୍ଡି ପାଇଁ ଜମି ପଞ୍ଜୀକରଣ କେଳେଙ୍କାରୀ ନେଇ “ସକାଳ’ରେ ଖବର ପ୍ରକାଶ ପରେ ଟିଡିସିସି ନିମ୍ନମାନର ମାଣ୍ଡିଆ ଉଠାଉ ନଥିବା ସୂଚନା ମିଳିଛି। ଏହା ସହିତ ଯେଉଁ ଲୋକଙ୍କ ନାମରେ ମିଛ ପଞ୍ଜୀକରଣ କରାଯାଇଛି, ସେମାନଙ୍କ ନାମରେ ମାଣ୍ଡିଆ ବିକ୍ରି କରାଇବାକୁ ସାହାସ ଜୁଟାଇ ପାରୁନାହାନ୍ତି। ଜିଲ୍ଲାରେ ହୋଇଥିବା ମାଣ୍ଡିଆ କେଳେଙ୍କାରୀର ତଦନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



**ଓଡ଼ଗାଁ,୨୨।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଓଡ଼ିଆ ଭାଷା ସମୃଦ୍ଧ ଭାଷା ଶୀର୍ଷକ ଆଲୋଚନାଚକ୍ରରେ ବରିଷ୍ଠ ଶିକ୍ଷକ କବି ତଥା ଲେଖକ ଶରତ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କର ସ୍ୱରଚିତ କବିତା ପୁସ୍ତକ ‘ଅଲିଭା ଗାର’ରେ ସ୍ଥାନ ପାଇଥିବା ବାସ୍ତବଧର୍ମୀ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ଗାଁ ମହୋତ୍ସବ ୨୦୨୫ରେ ଅନୁଷ୍ଠିତ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସେନ୍ତାଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରାହାସ ବିଦ୍ୟାପୀଠ ସାକେରୀରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଥିଲା। ଅତିଥି ଭାବେ ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକ ଅରକ୍ଷିତ ସାହୁଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଦ୍ୟାଳୟ କମିଟି ସଦସ୍ୟମାନେ ଭାରତର ସମ୍ବିଧାନର ପ୍ରସ୍ତାବନାକୁ ଓଡ଼ିଆ ଭାଷାରେ ପାଠ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ

# 'ଚରିତ୍ର ଗଠନରେ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

## ସାମନ୍ତରାପୁର ଉ.ପ୍ରା.ବିଦ୍ୟାଳୟ

ଖୋର୍ଦ୍ଧା, ୨୨।୨(ସମିସ)

ଖୋର୍ଦ୍ଧା ପୌରାଞ୍ଚଳସ୍ଥିତ ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି । ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ହରିଚନ୍ଦନଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ମୁଖ୍ୟବକ୍ତା ଆମରି



ସତ୍ୟର ପ୍ରତିଷ୍ଠାତା ଡଃ. ପ୍ରମୋଦ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଡଃ. ବୃନ୍ଦାବନ ପଣ୍ଡା, ସମାଜସେବୀ ପ୍ରଫୁଲ୍ଲ ସାମନ୍ତରାୟ, ଶିକ୍ଷକ ନେତା ତଥା ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ଐତିହାସିକ ସତ୍ୟବାଦୀ ବଳିଆରସିଂହ ଓ ସିଆରସିସି ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଚରିତ୍ର ଗଠନରେ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ତେଣୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ପାଠପଢ଼ା ସହ ପିଲାମାନଙ୍କର ଚରିତ୍ର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତୁ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ବିଦ୍ୟାଳୟର ଚାମ୍ପିଅନ ଭାବରେ ସୁଶ୍ରୀ ସଙ୍ଗୀତା ବେହେରା, ରୋନକ ରଞ୍ଜନ ମହାନ୍ତି ଓ ଅନୁରାଗ ସାହୁଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ଏହି ସଭାରେ ଶିକ୍ଷୟିତ୍ରୀ ନମିତାରାଣୀ ରାୟସାମନ୍ତ ବିବରଣୀ ପଠନ ଓ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ କ୍ଷଣପ୍ରଭା ସାହୁ, କୁମୁଦିନୀ ବେହେରା, କୁସୁମ ପ୍ରଧାନ, ଶୁଭସ୍ମିତା ବେହେରା, ଦୀପ୍ତିମୟୀ ସାହୁ ଓ ସୁଦୀପ୍ କୁମାର ବେହେରା ମଞ୍ଚରେ ସହଯୋଗ କରିଥିଲେ । ବିଦ୍ୟାଳୟର ସଭାପତି ସୁକାନ୍ତ ପୃଷ୍ଟି, ସଭ୍ୟା ସ୍ୱର୍ଣ୍ଣଲତା ମାର୍ଥା, ଶୁଭଶ୍ରୀ ନାଏକ, ଗୀତାଞ୍ଜଳୀ ସେଠୀ, ମାମି ବେହେରା, ବାସୁଦେବ ବେହେରା, ପ୍ରମୋଦ ମଲ୍ଲିକ ଓ ବିଜୟଲକ୍ଷ୍ମୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଟାଙ୍ଗିଆପଡ଼ା ଆଶ୍ରମ ବିଦ୍ୟାଳୟ

ଖୋର୍ଦ୍ଧା: ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଟାଙ୍ଗିଆପଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ତଥା ଆନ୍ତର୍ଜାତିକ ମାତୃଭାଷା ଦିବସ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦିବସରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନିତା ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ, ବକ୍ତୃତା, ଚିତ୍ରାଙ୍କନ ଓ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଡ୍ରାମା ବାଲ୍ୟବିବାହ ପରିବେଷିତ



ହୋଇଥିଲା । କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ପରମଜ୍ୟୋତି ମିତ୍ର, ଅନୀତା ମହାପାତ୍ର, ବବିତା ଦତ୍ତ, ସୁଜାତା ପାଲଟା ସିଂ ଏବଂ ସିସିଏ ଲତା ପ୍ରଧାନ ଓ ସୁଲୋଚନା ସେଠ୍ ପରିଚାଳନା କରିଥିଲେ ।

## ଗୟାବନ୍ଧ ସରକାରୀ ଉ.ପ୍ରା.ବିଦ୍ୟାଳୟ




ଖୋର୍ଦ୍ଧା: ଟାଙ୍ଗୀ ବ୍ଲକ ଗୟାବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡ. ଶରତ କୁମାର ଚଉଁରୀଙ୍କ ସଭାପତିତ୍ୱରେ ନାରାୟଣ ପାଇକରାୟ ମୁଖ୍ୟ ଅତିଥି, ଗୋପାଳ ଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା, ପ୍ରଶାନ୍ତ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରବୀଣା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଜ୍ଞାପାରମିତା ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦୟାଶଙ୍କର ବେହେରା ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ । ଶୁଭଲକ୍ଷ୍ମୀ ଜେନା ଧନ୍ୟବାଦ ଦେଇଥିଲେ ।

## କମାଗୁରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ

ନିରାକାରପୁର: କଠିନ ପରିଶ୍ରମ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ । ସମାଜରେ ଜଣେ ଭଲ ମଣିଷ, ସୁନାଗରିକ ହେବାର ଆବଶ୍ୟକତା ରହିଛି । ପ୍ରାଥମିକ ଶିକ୍ଷା ହିଁ ଭବିଷ୍ୟତ ଗଢ଼ିବାରେ ସହାୟତା କରେ । ଏହି ମଣିଷ ଗଢ଼ା କାରଖାନାରେ ଅଧ୍ୟୟନରତ କୁନି ଛାତ୍ରଛାତ୍ରୀଙ୍କୁ ଗୁରୁଜୀ ଗୁରୁମା ଯେଉଁ ରୂପ ଦେବାକୁ ଚେଷ୍ଟା କରିବେ ତାହା ହିଁ ତାର ଜୀବନରେ ପ୍ରତିଫଳିତ ହେବ । କୁନି ପିଲମାନଙ୍କ ଅନ୍ତର୍ନିହିତ ଗୁଣର ପ୍ରଦର୍ଶନ ପାଇଁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ମାଧ୍ୟମ ବୋଲି ଖୋର୍ଦ୍ଧା ଜିଲ୍ଲା କମାଗୁରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ




ମତବ୍ୟକ୍ତ କରିଥିଲେ । ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରା, ମୁଖ୍ୟବକ୍ତା ଭାବେ ସହ ଶିକ୍ଷା ଅଧିକାରିଣୀ ତଥା ବିଆର୍‌ସିସି ସୁଧାଂଶୁ ମଞ୍ଜରୀ ଦେଇ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମନୋରଞ୍ଜନ ଚମ୍ପତି, ସହଯୋଗ ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ସିଆର୍‌ସିସି ବିଜୟ କୁମାର ଗୁମାନ ସିଂ, ପ୍ରଧାନ ଶିକ୍ଷକ ମଧୁସୂଦନ ସୁନ୍ଦରାୟ, ପ୍ରଧାନଶିକ୍ଷକ ସତ୍ୟନାରାୟଣ ବ୍ରହ୍ମା ମହାପାତ୍ର, ସୋମନାଥ ବେହେରା, ଦୋଳଗୋବିନ୍ଦ ବରିଶଲ, ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ, ପ୍ରଧାନଶିକ୍ଷକ ପ୍ରଭାତୀ ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଶ୍ୱେତା ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ବାଳା ଶ୍ରୀଚନ୍ଦନ ଓ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ନିଶାଙ୍କ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ସୌଦାମିନୀ ଗୁମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।

## କଲେଜ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଜଟଣୀ, ୨୨।୨(ସମିସ): ଆଜି ଜଟଣୀ ଥାନା ଅନ୍ତର୍ଗତ ଏକ ଘରୋଇ ବୈଷୟିକ କଲେଜ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ମୃତ ଛାତ୍ର ଜଣକ ହେଲେ, ବିକାଶ ରଞ୍ଜନ ସାହୁ(୨୧) । ତାଙ୍କ ଘର ଖୋର୍ଦ୍ଧା ଜିଲ୍ଲା ବାଣପୁର ଗ୍ରାମରେ ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ, ଛାତ୍ର ଜଣକ ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମରେ ଭଡ଼ାସୂତ୍ରରେ ନିଜ ବାପାଙ୍କ ସହିତ ରହି ଉକ୍ତ ଘରୋଇ କଲେଜରେ ପଢୁଥିଲେ । କୌଣସି କାରଣକୁ ନେଇ ଆଜି ସେ ଘର କବାଟ ଭିତରପଟୁ ବନ୍ଦ କରି ଫ୍ୟାନ୍‌ରେ ଝୁଲି ପଡ଼ିଥିବା ପଡ଼ୋଶୀ ଦେଖିବାକୁ ପାଇଥିଲେ । ଘଟଣା ବିଷୟରେ ପଡୋଶୀ ଛାତ୍ରଙ୍କ ବାପାଙ୍କୁ ଜଣାଇଥିଲେ । ଘର କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରାଯିବା ସହ ଖୋର୍ଦ୍ଧା ଜିଲ୍ଲା ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଜଟଣୀ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ଜାତୀୟ ରାଜପଥରେ ଦୁର୍ଘଟଣା: ଜଣେ ମୃତ, ୧ ଗୁରୁତର

ଟାଙ୍ଗୀ, ୨୨।୨(ସମିସ): ୧୬ ନମ୍ବର ଜାତୀୟ ରାଜପଥ ଚଣ୍ଡେଶ୍ୱରଠାରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଟାଙ୍ଗୀ ଥାନା ଅଧୀନ କୁହୁଡ଼ିରୁ ଚଣ୍ଡେଶ୍ୱର ଆସୁଥିବା ବେଳେ ଚଣ୍ଡେଶ୍ୱରଠାରେ ଦୁଇଜଣ ବାଇକ୍ ଆରୋହୀଙ୍କୁ ଏକ ଟ୍ରକ୍ ସାଇଡ୍ ମାରିବାରୁ ବାଇକ୍‌ଟି ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ କୁହୁଡି ଗ୍ରାମର କାଳିଆ ପ୍ରଧାନଙ୍କ ମୃତ୍ୟୁ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଥିବା ବେଳେ ସେହିଗ୍ରାମର ଓମ୍ ଶତ୍ରୁସଲ୍ୟ(୧୯) ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଦ୍ୱାରା ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର କାଳିଆଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଓମ୍‌ଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାର ତଦନ୍ତ ଚଳାଇଛି ।

## ଦେଶୀମଦ ଜବତ; ୨ ଗିରଫ

ବାଲୁଗାଁ, ୨୨।୨(ସମିସ): ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଶନିବାର ୧୬ନଂ ଜାତୀୟ ରାଜପଥରେ ଚଢ଼ଉ କରାଯାଇ ବାଇକ୍‌ରେ ଦେଶୀମଦ ଚୋରା ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣକ ହେଲା, ରତନପୁର ଗ୍ରାମର ଜିତେନ୍ଦ୍ର ବେହେରା । ସୂଚନା ମୁତାବକ, ଶନିବାରେ ବାଲୁଗାଁ ଅବକାରୀ ଉପ ନିରୀକ୍ଷକ ସୁଜିତ କୁମାର ମୁଦୁଲି କର୍ମଚାରୀଙ୍କ ସହ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଏକ ବାଇକ୍ ଯୋଗେ ରତନପୁର ଗ୍ରାମର ଜିତେନ୍ଦ୍ର ଦେଶୀମଦ ନେଇ ଯାଉଥିବା ବେଳେ ସନ୍ଦେହ କରି ଗାଡିକୁ ଅଟକାଇ ତଲାସି କରିଥିଲେ । ତଲାସିବା ସମୟରେ ଗାଡିରୁ ୧୦୦ ଲିଟର ଦେଶୀମଦ ଜବତ ହୋଇଥିଲା । ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ପରେ ଜିତେନ୍ଦ୍ରକୁ ଗିରଫ କରାଯିବା ସହ ତା' ନିକଟରୁ ଦେଶୀମଦ, ବାଇକ୍, ମୋବାଇଲ ଓ ୭୦୦ ଟଙ୍କା ଜବତ କରାଯାଇଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା । ତେବେ ଜାମିନ ନାମଞ୍ଜୁର ହେବାରୁ ତାକୁ ବାଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି ।

ନିରାକାରପୁର: ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ଆଜି ଚଢ଼ଉ କରି ଜଙ୍କିଆ ଥାନା ଅଞ୍ଚଳରୁ ଜଣେ ଚୋରା ଦେଶୀମଦ ବେପାରୀକୁ ଗିରଫ କରିଛି । ତା' ନିକଟରୁ ୨୬ ଲିଟର ଦେଶୀମଦ ଜବତ କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ କି ଆଜି ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ଥାରାପା ମାରାଣ୍ଡିଙ୍କ ନେତୃତ୍ୱରେ ଜଙ୍କିଆ ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ୨୬ ଲିଟର ଦେଶୀମଦ ଜବତ କରାଯାଇଥିଲା । ଉକ୍ତ ଅଞ୍ଚଳର ଚନ୍ଦ୍ରମଣି ପ୍ରଧାନକୁ ଗିରଫ କରାଯାଇଥିବା ଜଣାପଡ଼ିଛି ।

## କୋଲୁହାପାଟଣାରେ ଚଉପ୍ରହର ନାମଯଜ୍ଞ

ବେଗୁନିଆ, ୨୨।୨(ସମିସ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଭଗବତ ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ସହଯୋଗରେ ଚଉପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୈଦିକ ରୀତିନୀତି ଅନୁଯାୟୀ ଝରପୋଖରୀରୁ ଶୁଦ୍ଧପୁତ ଭାବେ ସ୍ନାନ କରି କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ପରେ ଭକ୍ତି ଓ ଭାବମୟ ପରିବେଶରେ ଗ୍ରାମ୍ୟ ପରିକ୍ରମା କରାଯାଇ ଯଜ୍ଞ ସ୍ଥଳରେ କଳସ ସ୍ଥାପନ କରାଯାଇଥିଲା । ଗେଡ଼ିଆପଲ୍ଲୀ, ଶାମୁକାପାଟଣା, ଗୌଡନୂଆଗାଁ ଓ ବଡ଼ନୟାପଲୀ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମସଂକୀର୍ତ୍ତନ ପରିବେଷଣ କରାଯିବ । ତେବେ ଆସନ୍ତାକାଲି ନଗର କୀର୍ତ୍ତନ ହୋଇ କାର୍ଯ୍ୟ ସମାପନ ହେବ ।

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ

ଜଟଣୀ, ୨୨।୨(ସମିସ): ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏଫଏସ୍ଟି-ଏଏନ୍‌ଏର୍‌ଏଫ୍ ପ୍ରଯୋଜିତ 'ଜେନେଟିକ୍ସ ଏବଂ ଜିନୋମିକ୍ସର ସୀମାନ୍ତ' ଶୀର୍ଷକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ଜ୍ଞାନ ବିନିମୟ ପାଇଁ ଏକ ଭିନ୍ନ ମଞ୍ଚ ପ୍ରଦାନ କରିଥିଲା । ଯେଉଁଠି ବିଶେଷଜ୍ଞ ଏବଂ ଗବେଷକମାନେ ଏକତ୍ର ହୋଇ ଜେନେଟିକ୍ସ ଏବଂ ଜିନୋମିକ୍ସର ଗୁରୁତ୍ୱପୂର୍ଣ୍ଣ ଉନ୍ନତିଗୁଡ଼ିକ ବିଷୟରେ ଆଲୋଚନା କରିଛନ୍ତି । ସକ୍ରିୟ ଅଂଶଗ୍ରହଣ ଏବଂ ଗଭୀର ଆଲୋଚନା ଦ୍ୱାରା ଭବିଷ୍ୟତରେ ଜିନୋମିକ୍ ଗବେଷଣା ଏବଂ ଏହାର ପ୍ରୟୋଗଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଅଗ୍ରସର କରିବ ବୋଲି ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ଉପକୁଳପତି ପ୍ରଫେସର୍ ଡ. ସୁପ୍ରିୟା ପଟ୍ଟନାୟକ କହିଛନ୍ତି । ମୁଖ୍ୟ ଅତିଥି ଭାବେ ହାଇଦରାବାଦ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର୍ ଏବଂ ଯୋଗୀ ୱେମାନା ବିଶ୍ୱବିଦ୍ୟାଳୟର ପ୍ରଥମ ଉପକୁଳପତି ପ୍ରଫେସର୍ ଅର୍ଜୁଳା ରାମଚନ୍ଦ୍ର ରେଡ୍ଡି ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ତେଲେଙ୍ଗାନାର ବିଶେଷ ମୁଖ୍ୟ ସଚିବ ଏବଂ ଆଇ.ଏ.ଏସ୍ (ଅବ.) ପ୍ରଫେସର୍ ବି.ପି. ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ । ବେଙ୍ଗାଲୁରୁର ଜିନୋଟାଇପିକ୍ ଟେକ୍ନୋଲୋଜିର ସଂସ୍ଥାପକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ରାଜା ମୁଗାସିମାହାଲିଙ୍ଗମ୍ ମଧ୍ୟ ସଭାକୁ ସମ୍ବୋଧନ କରି ଜିନୋମିକ୍ସର କୃଷି, ସ୍ୱାସ୍ଥ୍ୟସେବା ଏବଂ ବାୟୋଟେକ୍ନୋଲୋଜି କ୍ଷେତ୍ରର ରୂପାନ୍ତରାତ୍ମକ ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ । ଏହି ସମ୍ମିଳନୀରେ ଗବେଷକ, ଛାତ୍ରଛାତ୍ରୀ ଏବଂ ବୃତ୍ତିଗତ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ ।




## ବାଣପୁର ପଞ୍ଚୁଦୋଳ ଯାତ୍ରା ପ୍ରସ୍ତୁତି ବୈଠକ

ବାଣପୁର, ୨୨।୨(ସମିସ): ସମଗ୍ର ବାଣପୁର-ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଐତିହାସିକ ପଞ୍ଚୁଦୋଳ ଯାତ୍ରାରେ ୧୬୪ ଦୋଳ ଠାକୁରଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥାଏ । ବାଣପୁରସ୍ଥିତ ଐତିହାସିକ ପଲଟଣ ପଡ଼ିଆରେ ପଞ୍ଚଦୋଳ ଯାତ୍ରା ତିଥି ଅନୁଯାୟୀ ମାର୍ଚ୍ଚ ୧୯ ତାରିଖରେ ଦେବଦେବୀଙ୍କ ଆଗମନ ହେବାକୁ ଥିବା ବେଳେ ମାର୍ଚ୍ଚ ୨୦ ତାରିଖରେ ମେଳଣ ଉତ୍ସବ ଅନୁଷ୍ଠିତ ହେବା ଲାଗି ଧାର୍ଯ୍ୟ ହୋଇଛି । ପଞ୍ଚୁଦୋଳ ଯାତ୍ରା କମିଟିର ସମ୍ପାଦକ ମାଧବଚନ୍ଦ୍ର ବାରିକଙ୍କ ଆବାହକତ୍ୱରେ ବାଣପୁର ତହସିଲଦାର ତଥା ପଞ୍ଚୁଦୋଳ ଯାତ୍ରା କମିଟିର ସଭାପତି ଟି ପଦ୍ମନାଭ ଦୋରାଙ୍କ ସଭାପତିତ୍ୱରେ ଶୁକ୍ରବାର ଛାୟା ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାତ୍ରାରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳାର ସହ ଯାତ୍ରା ସମାପନ ନିମନ୍ତେ ଯଥାଶୀଘ୍ର ଆଗାମୀ ବୈଠକ ଡକାଯାଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯିବାକୁ ସ୍ଥିର କରାଯାଇଛି । ମାର୍ଚ୍ଚ ୧୯ ତାରିଖ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ନିର୍ଦ୍ଧାରିତ ସମୟରେ ଠାକୁରଙ୍କ ଆଗମନ ପାଇଁ ସମସ୍ତ ମନ୍ଦିର ଟ୍ରଷ୍ଟିମାନଙ୍କୁ ଦାୟିତ୍ୱ ଦେବା ପାଇଁ ସ୍ଥିର ହୋଇଛି ।

## ଲିଟିଲ୍ ୱାର୍ଲଡ୍ ସ୍କୁଲର ବାର୍ଷିକ ଉତ୍ସବ

ବାଲୁଗାଁ, ୨୨।୨(ସମିସ): ବାଲୁଗାଁ ଲିଟିଲି ୱାର୍ଲଡ୍ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ୨୧ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି



ନୀରଜ କୁମାର ଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପଞ୍ଚାନନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବାଣପୁର ତହସିଲଦାର ଟି ପଦ୍ମନାଭ ଦୋରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ ଓ ପ୍ରାଧ୍ୟାପିକା ମିନାକ୍ଷୀ ମହାପାତ୍ର ପ୍ରମୁଖ ଯୋଗଦେଇ ଇଂରାଜୀ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁଗନ୍ଧାରାଜ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅଧକ୍ଷା ନମିତା ଝା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉପାଧକ୍ଷା ପୁଷ୍ପା ସିଂ ରାଠୋର ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍କର୍ପିଓକୁ ଧକ୍କା ଦେଇ ଡିଭାଇଡର୍‌ରେ ଚଢ଼ିଗଲା ବସ୍

● ଅଳ୍ପକେ ବର୍ତ୍ତିଲେ ୪୦ ଯାତ୍ରୀ

ବାଲୁଗାଁ, ୨୨।୨(ସମିସ): ୧୬ ନମ୍ବର ଜାତୀୟ ରାଜପଥର ବାଣପୁର ଥାନା ଅନ୍ତର୍ଗତ ସରନଈ ଓଭରବ୍ରିଜ ନିକଟରେ ଗୋଟିଏ ସ୍କର୍ପିଓକୁ ଏକ ତୀର୍ଥଯାତ୍ରୀ ବସ୍ ପଛରୁ ଧକ୍କା ଦେଇ ଡିଭାଇଡର ଉପରେ ଚଢିଯାଇଛି । ତେବେ ଦୁର୍ଘଟଣାରେ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ପୁଲିସ ବସ୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ସୂଚନା ମୁତାବକ, ଏକ ଭଲଭୋ ବସ୍ ୪୦ ଜଣ ଯାତ୍ରୀଙ୍କୁ ନେଇ କୁମ୍ଭମେଳା ସାରି ବିଳମ୍ବିତ ରାତିରେ ବିଜୟୱାଡା ଅଭିମୁଖେ ଫେରୁଥିଲା । ୧୬ନଂ ଜାତୀୟ ରାଜପଥର ସରନଈ ଓଭରବ୍ରିଜ୍ ନିକଟରେ ଉକ୍ତ ବସ୍ ଆଗରେ ଯାଉଥିବା ଏକ ସ୍କର୍ପିଓ ଗାଡି ହଠାତ୍ ବ୍ରେକ ମାରିବା ଯୋଗୁଁ ବସ୍‌ଟି ସ୍କର୍ପିଓ ପଛରେ ଧକ୍କା ହୋଇ ରାସ୍ତା ପାର୍ଶ୍ୱ ଡିଭାଇଡର ଉପରେ ଚଢ଼ି ଯାଇଥିଲା । ମାତ୍ର ସମସ୍ତ ଯାତ୍ରୀ ଅଳ୍ପକେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ସେମାନେ ସୁରକ୍ଷିତ ଭାବେ ଅନ୍ୟ ଏକ ବସ୍ ଯୋଗେ ଫେରି ଯାଇଛନ୍ତି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସ୍ ଚାଳକଙ୍କୁ ଅଟକ ରଖିଥିବା ବେଳେ ସ୍କର୍ପିଓ ଚାଳକକୁ ଖୋଜୁଥିବା ଜଣାପଡ଼ିଛି ।

## ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ଯୁବକ

ଜଟଣୀ, ୨୨।୨(ସମିସ): ଜଟଣୀସ୍ଥିତ ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନର ୬ ନମ୍ବର ପ୍ଲାଟଫର୍ମରେ ଶନିବାର ଜଣେ ଯୁବକ ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଛନ୍ତି । ମୃତକ ହେଲେ, ଶିବଲ ସମଡ଼ (୪୨) । ଜିଆରପି ସୂଚନା ମୁତାବକ, ଆଜି ସକାଳ ୭. ୩୦ ସମୟରେ ଖୋର୍ଦ୍ଧା ରୋଡ୍ ଷ୍ଟେସନ ୬ ନମ୍ବର ପ୍ଲାଟଫର୍ମରେ ଉତ୍କଳ ଏକ୍ସପ୍ରେସ ଟ୍ରେନ ଆସୁଥିବା ବେଳେ ଯୁବକ ଜଣକ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ । ପରେ ରେଲୱେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ମୋବାଇଲରୁ ପରିଚୟ ପାଇବା ସହ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେବାରେ ତାଙ୍କ ଘର କେନ୍ଦୁଝର ଜିଲ୍ଲା ବାମ୍ବେରୀ ଅଞ୍ଚଳରେ ବୋଲି ଜଣାପଡ଼ିଥିଲା । ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ଏନେଇ ଜିଆର୍‌ପି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ସର୍ବଭାରତୀୟ ଫୁଟ୍‌ବଲ କପ୍: ଫାଇନାଲରେ ହାଓଡା

ବେଗୁନିଆ, ୨୨।୨(ସମିସ): ବେଗୁନିଆ ବ୍ଲକ କୁଶୁପଲ୍ଲା ଆଥଲେଟିକ ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଏଥିରେ ହାଓଡା ଫ୍ରେଣ୍ଡସ କ୍ଲବ ଓ ବିହାର କାମାକ୍ଷା ସ୍ପୋର୍ଟସ କ୍ଲବ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ୧-୦ ଗୋଲ୍‌ରେ ହାଓଡା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଯୁବ କଂଗ୍ରେସ ସଭାପତି ୟାସିର ନୱାଜ୍, ସଂଖ୍ୟାଲଘୁ ସେଲର ରାଜ୍ୟ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ପୂର୍ବତନ କ୍ରୀଡା ଶିକ୍ଷକ ନୀଳମଣି ମାଝୀ, ଅଧ୍ୟାପକ ନବକିଶୋର ବିଷୋୟୀ ଓ ନିହାର ରଞ୍ଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ୍ କମିଶନର ଦୟାନ ଖାଁଙ୍କ ନେତୃତ୍ୱରେ ରେଫରି ପ୍ରସନ୍ନ ନାୟକ ଖେଳ ପରିଚାଳନା କରିଥିବା ବେଳେ ଲାଇନ ମ୍ୟାନ ପ୍ରଫୁଲ୍ଲ ବେହେରା, ସାଇରାମ୍ କିସ୍କୋ ଓ ସଗିର୍ ଅହମ୍ମଦ ସହଯୋଗ କରିଥିଲେ । ଆସନ୍ତାକାଲି ହାଓ୍ୱଡା ଫ୍ରେଣ୍ଡସ କ୍ଲବ ଓ ଘାଟିକିଆ ବଜରଙ୍ଗବାଲି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି ।

## ଖୋର୍ଦ୍ଧା ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

# ଦ୍ୱିତୀୟ ଦିନରେ ୨୮ .୭୬ ଲକ୍ଷ ଟଙ୍କା କାରବାର

ଖୋର୍ଦ୍ଧା, ୨୨।୨(ସମିସ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ(ଓରମାସ) ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡ଼ିଆରେ ଚାଲିଛି ଜିଲ୍ଲା ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ହସ୍ତତନ୍ତ ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳା । ୨ୟ ଦିନରେ ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳା ସହିତ ଖାଦ୍ୟ ମେଳାରେ ପ୍ରାୟ ୨୮ ଲକ୍ଷ ୭୬ ହଜାର ଟଙ୍କାର ବେପାର ହୋଇଥିବା ଓରମାସ ଉପନିର୍ଦ୍ଦେଶକ ରାଜ କିଶୋର ଦାସ ସୂଚନା ଦେଇଛନ୍ତି । ଶନିବାର ମେଳାର ୩ୟ ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରଥମ ସନ୍ଧ୍ୟାରେ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀମାନେ ମା' ଦୁର୍ଗାଙ୍କ ମହିଷାସୁର ମର୍ଦ୍ଦିନୀ ଏବଂ ଅନନ୍ୟା କଳା ଦର୍ପଣ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ଫ୍ୟୁଜନ ବାରମାସୀ ନୃତ୍ୟ ଓ 'ମୋ ଓଡ଼ିଶା ନୃତ୍ୟ' ପରିବେଷଣ କରି ଉତ୍କଳ କଳା, ସଂସ୍କୃତି, ପରମ୍ପରା ଅତି ନିଖୁଣ ଭାବେ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ଖୋର୍ଦ୍ଧାର ଗର୍ବ ଓ ଗୌରବ ସମର କଳା ପାଇକ ଆଖଡା, ପାଇକ ବୀରତ୍ୱର ଗାଥାକୁ ବଖାଣିଥିଲେ ଦୁର୍ଗାଚରଣ ବାରିକ ଏବଂ ତାଙ୍କ ଟିମ୍ । ପରେ ସୃଜନ ଅନୁଷ୍ଠାନ ଭୁବନେଶ୍ୱରର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ ଭାଗ୍ୟଶ୍ରୀ ମହାନ୍ତି, କୁମାର ଦେବାନନ୍ଦ ପ୍ରମୁଖ ଓଡ଼ିଆ ଓ ହିନ୍ଦୀ ସିନେ ଜଗତର ଗୋଟିଏ ପରେ ଗୋଟିଏ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୀତାଞ୍ଜଳି ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

